ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 27 | 2 - 08 July 2023 | Sambalpur | Page- 8 | Invitation Price Rs.10


ସତ୍ୟମେବ ଜୟତେ

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)





ପବିତ୍ର ଇଦ୍-ଉଜ୍-ଜୁହା ଉପଲକ୍ଷେ
ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା ଓ ସମର୍ପଣର ଏହି ପର୍ବରେ ସମସ୍ତେ ସାମିଲ ହୋଇ ଓଡ଼ିଶାର ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ
ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


# ଫେଡେରାଲ୍ ବ୍ୟାଙ୍କ ଅଧ୍ୟକ୍ଷ ହେଲେ ଅଭୟ ହୋତା

ସମ୍ବଲପୁର : ଅଭୟ ପ୍ରସାଦ ହୋତା ଘରୋଇ ଫେଡେରାଲ୍ ବ୍ୟାଙ୍କର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ନିଯୁକ୍ତିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ମଞ୍ଜୁର କରିଛନ୍ତି । ଏହି ପଦରେ ସେ ଚଳିତ ବର୍ଷ ଜୁନ୍ ୨୯ରୁ ୨୦୨୬ ଫେବ୍ରୁଆରି ୧୪ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଏହା ପୂର୍ବରୁ ଶ୍ରୀ ହୋତା ଫେଡେରାଲ୍ ବ୍ୟାଙ୍କ ବୋର୍ଡର ଜଣେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ୨୦୧୮ରୁ କାର୍ଯ୍ୟ କରୁଥିଲେ । ସେ ୧୯୮୨ରୁ ୨୦୦୯ ପର୍ଯ୍ୟନ୍ତ ୨୭ ବର୍ଷ ଧରି ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟ କରିଛନ୍ତି । ସେହି ସମୟରେ ସେ ବିଜୟା ବ୍ୟାଙ୍କ ଓ ତା'ପରେ ଆନ୍ଧ୍ର ବ୍ୟାଙ୍କ ବୋର୍ଡର ମନୋନୀତ ନିର୍ଦ୍ଦେଶକ ଭାବେ କାମ କରିଥିଲେ । ସେ ନ୍ୟାସ୍ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ମୁଖ୍ୟ ବିନ୍ଧାଣି ଥିଲେ ତଥା ୨୦୦୯ରୁ ୨୦୧୭ ପର୍ଯ୍ୟନ୍ତ ଏହାର ପରିଚାଳନା ନିର୍ଦ୍ଦେଶକ (ଏମ୍) ଓ ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଦାୟିତ୍ୱ ତୁଲାଇଥିଲେ । ନୂଆପଡ଼ା ଜିଲ୍ଲା ରାଜଖରିଆର ନିକଟ କରଙ୍ଗାମାଲ ଗାଁର ମୂଳ ନିବାସୀ ସ୍ୱର୍ଗତ ଦେବୀ ପ୍ରସାଦ ହୋତାଙ୍କ ପୁଅ ଅଭୟ ନିଜ ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ଅନୁଗୁଳରୁ ମାଧ୍ୟମିକ ଶିକ୍ଷା ଲାଭ କରି ମ୍ୟାଟ୍ରିକ ପାସ୍ କରିଥିଲେ । ବରଗଡ଼ ପଞ୍ଚାୟତ କଲେଜରେ +୨ ଟପର ଥିଲେ । ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ଇଂରାଜୀ ସମ୍ମାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ପାସ୍ କରିଥିଲେ । ଉଚ୍ଚ ଶିକ୍ଷା ପରେ ରିଜର୍ଭ ବ୍ୟାଙ୍କରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଶ୍ରୀ ହୋତା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ (ଆଇଆଇବିଏଫ୍)ରୁ ସମ୍ମାନସୂଚକ ଉପାଧି ହାସଲ କରିଥିଲେ । ସେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫୁଲ୍ଲ ପତିଙ୍କ ଛାତ୍ର ଥିଲେ । ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଡକ୍ଟର ଗିରିଧାରୀ ହୋତାଙ୍କ ସେ ସାନ ଭାଇ ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦିନେଶ ପାଢ଼ୀଙ୍କ ଜ୍ୱାଇଁ ଅଟନ୍ତି ।



ଏ ସଂଖ୍ୟାରେ..


ଡାଇବେଟିସ୍ ସମସ୍ୟା ଥିଲେ


ଚର୍ବି ପରିମାଣ କମାଏ ସଜନା ଶାଗ


ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଉଷୁମ ପାଣି


ହୃଦୟକୁ ସୁସ୍ଥ ରଖେ ଡାଳିମ୍ବ


କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଆଖୁରସ


କଖାରୁର ଉପକାରିତା

# ସମ୍ବଲପୁରୀ ଗବେଷଣା କେନ୍ଦ୍ର ଶୀତଳ ଭଣ୍ଡାରରେ

ବରଗଡ଼ : ଲୋକକବି ହଳଧର ନାଗଙ୍କୁ ଜାତୀୟ ସମ୍ମାନ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କବିଙ୍କ ପ୍ରତିଭାର ସମ୍ମାନ ପ୍ରଦର୍ଶନ ପୂର୍ବକ ୨୦୧୬ ଏପ୍ରିଲ ୭ ତାରିଖରେ କବିଙ୍କ ଜନ୍ମପୀଠ ଘେଁସରେ ହଳଧର ନାଗ ସମ୍ବଲପୁରୀ ଭାଷା ସାହିତ୍ୟ ଗବେଷଣା କେନ୍ଦ୍ର ସ୍ଥାପନର ଘୋଷଣା କରିଥିଲେ । ଏହି କାର୍ଯ୍ୟ ପାଇଁ ୨୫ ଲକ୍ଷ ଟଙ୍କାର ଅନୁଦାନ ମଧ ଘୋଷଣା କରିଥିଲେ ଏବଂ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ୨୦୧୬ ପରଠାରୁ ଏହି ପ୍ରକଳ୍ପ ନେଇ ଆଉ କିଛି ସୋର ଶବ୍ଦ ନାହିଁ । ତେଣୁ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା କରାଯାଉଥିବା ଏହି ପ୍ରକଳ୍ପ ସ୍ୱପ୍ନ ହୋଇ ରହିଯିବନି ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ଯୋଗ୍ୟ ଯେ, ସମ୍ବଲପୁରୀ ଭାଷା ସାମ୍ବିଧାନିକ ସ୍ୱୀକୃତି ପାଇ ନ ଥିଲେ ମଧ ଏହା ରାଜ୍ୟ ଓ କେନ୍ଦ୍ର ସରକାର ଦ୍ୱାରା ଏକପ୍ରକାର ସ୍ୱୀକୃତି ପାଇ ସାରିଛି । ୨୦୧୬ ମସିହାରେ ପ୍ରଥମ କରି ଲୋକକବି ହଳଧର ନାଗଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ । ଏହା ଦ୍ୱାରା ଏହି ଅଞ୍ଚଳର ଭାଷା ଓ ସାହିତ୍ୟକୁ ଏକ ବଳ ମିଳିଲା ଏବଂ ସରକାରୀ ମୋହର ଲାଗିଗଲା । ଏହା ପରେ ପରେ ରଙ୍ଗବତୀ ଗୀତର ସ୍ରଷ୍ଟା ମିତ୍ରଭାନୁ ଗୌନ୍ତିଆ, ଗାୟକ ଜିତେନ୍ଦ୍ର ହରିପାଲ, କ୍ରିଷ୍ଣା ପଟେଲଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଲା । ବଲାଙ୍ଗିରର ନୃସିଂହ ଚରଣ ଗୁରୁଙ୍କୁ ସମ୍ବଲପୁରୀ ପାଇଁ ପଦ୍ମଶ୍ରୀ ସମ୍ମାନ ମିଳିଲା । ଏହି ଅଞ୍ଚଳର ଭାଷା ଓ ସାହିତ୍ୟକୁ ସରକାରୀ ସ୍ୱୀକୃତିର ଆଉ ଅଭାବ ନାହିଁ କେବଳ ସାମ୍ବିଧାନିକ ମାନ୍ୟତାର ଅଭାବ ରହିଛି । ଯେତେବେଳେ ପ୍ରଥମ କରି କବି ହଳଧରଙ୍କୁ ଜାତୀୟ ସମ୍ମାନ ମିଳିଲା ସେତେବେଳେ ପଶ୍ଚିମ ଓଡ଼ିଶାରେ ଏକ ଭାବାବେଗ ସୃଷ୍ଟି ହୋଇଥିଲା । ଏହାକୁ ଅନୁଧାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ହଳଧର ନାଗଙ୍କୁ ସମ୍ବର୍ଦ୍ଧିତ କରି ୨୦୧୬ ଏପ୍ରିଲ ୭ ତାରିଖରେ କବିଙ୍କ ଜନ୍ମପୀଠ ଘେଁସରେ ହଳଧର ନାଗ ସମ୍ବଲପୁରୀ ଭାଷା ସାହିତ୍ୟ ଗବେଷଣା କେନ୍ଦ୍ର ସ୍ଥାପନର ଘୋଷଣା କରିଥିଲେ । ଏହି ଘୋଷଣା ସମୟରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା, ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସାଂସଦ ପ୍ରଭାସ ସିଂ, ରାସେଶ୍ୱରୀ ପାଣିଗ୍ରାହୀ, ଭଟଲି ବିଧାୟକ ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ପଶ୍ଚିମ ଓଡ଼ିଶାର ସାହିତ୍ୟିକ, ବୁଦ୍ଧିଜୀବୀ, ଲେଖକ, କବି ପ୍ରମୁଖ ବେଶ୍ ଉତ୍ସାହିତ ହୋଇ ପଡ଼ିଥିଲେ । ଏପରିକି ଏହା ଦ୍ୱାରା ଆଞ୍ଚଳିକ ବୈଷମ୍ୟ ବହୁମାତ୍ରାରେ କମିଯିବ ବୋଲି ଆଶା ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ସୋହେଲା ଜାମପାଲି ଗସ୍ତ କରିଥିବା ବେଳେ ଏହି କାର୍ଯ୍ୟ ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ ଏବଂ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ୨୦୧୬ ପରେ ଏହି ପ୍ରକଳ୍ପ ନେଇ ଆଉ କିଛି ଜଣାପଡୁ ନାହିଁ । କୌଣସି ସରକାରୀ ବିଜ୍ଞପ୍ତି ମଧ ପ୍ରକାଶ ପାଇନାହିଁ । ଏହାରି ଭିତରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାକୁ ବହୁବାର ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଘୋଷଣା କରିଛନ୍ତି । ମାତ୍ର ଭାଷା ସାହିତ୍ୟର ଏହି ମହାନ ପ୍ରକଳ୍ପକୁ ଭୁଲି ଯାଇଛନ୍ତି । ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ବିଜେପୁରରୁ ବିଧାୟକ ଭାବେ ନିର୍ବାଚନ ଜିଣିଛନ୍ତି । ପଦ୍ମପୁର ଉପନିର୍ବାଚନ ପୂର୍ବରୁ ପ୍ରକଳ୍ପର ବର୍ଷା କରିଛନ୍ତି । ନିର୍ବାଚନ ସମୟରେ ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା କଥା କହିଛନ୍ତି । ନିର୍ବାଚନ ପରେ ପୁଣି ଥରେ ପଦ୍ମପୁର ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ମାତ୍ର ଏତେ ଭିଡ ଭିତରେ ମୁଖ୍ୟମନ୍ତ୍ରୀ ପଶ୍ଚିମଓଡ଼ିଶାବାସୀଙ୍କୁ ଭାଷା ଓ ସାହିତ୍ୟ ପାଇଁ ଦେଇଥିବା ପ୍ରତିଶ୍ରୁତିଟି ଏବେ ଶୀତଳ ଭଣ୍ଡାରରେ ରହି ଯାଇଛି । ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାକୁ ଫୋକସରେ ରଖି ବହୁବିଧ ଉନ୍ନୟନମୂଳକ କାମ କରିଛନ୍ତି ।

# ପାତାଳି ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

ସୋନପୁର : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ର କୋଟ ସମଲେଇର ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ମଙ୍ଗଳ ଆଳତି, ବେଶ ପରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଆଣି ଘଣ୍ଟ ଶଙ୍ଖ, ଭକ୍ତ ଙ୍କ ହୁଳହୁଳି ହରିବୋଲ ଧ୍ୱନିରେ ପ୍ରକମ୍ପିତ ସମଗ୍ର ପାତାଳି ଶ୍ରୀକ୍ଷେତ୍ରରେ ଭକ୍ତ ଏବଂ ଭଗବାନ ଙ୍କର ଏକ ଅପୂର୍ବ ମିଳନ ପରିଲକ୍ଷିତ ହୋଇଥିଲା । ଛେରାପହଁରା ପରେ ରଥଟଣା ହୋଇ ଛଳିଆ ପାହାଡର ତଳକୁ ତିନିରଥ କୁ ଅଣାଯାଇଥିଲା । ବିଶେଷ ଆକର୍ଷଣ ସ୍ୱରୂପ ଛୋଟ ଛୁଆଙ୍କ ରଥ ଛୁଁଆ କାର୍ଯ୍ୟକ୍ରମ ରେ ଶତାଧିକ ଛୁଆଙ୍କର ରଥଛୁଆଁ ହୋଇଥିଲା । ମା ମହାଲକ୍ଷ୍ମୀ ଛଳିଆ ଶ୍ରୀମନ୍ଦିରୁ ଚାହାଣୀ ବିଜେ ପରେ ଅଧର ଚୁମ୍ବିତ ମାଳ ସହ ପ୍ରତ୍ୟାବର୍ତ୍ତନ କରିଥିଲେ । ବାହୁଡା ଯାତ୍ରାରେ ବୀରମହାରାଜପୁର ଉପ ଜିଲ୍ଲାପାଳ ଶ୍ରୀ ଅଶୋକ ଭୋଇ, ଉଲୁଣ୍ଡା ବିଡ଼ିଓ ଶ୍ରୀମତୀ କରିସ୍ମା ବେଶ୍ରା, ତହସିଲଦାର ଦିଲ୍ଲୀପ ମାଝୀ, ଉଲୁଣ୍ଡା ବ୍ଲକ ଚେୟାରମ୍ୟାନ ଶାନ୍ତିଲତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବିଷ୍ଣୁ ପ୍ରସାଦ ମେହେରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗୀର : ପାଟଣାଗଡ଼ ବ୍ଲକର କୁତମୁଣ୍ଡା ଗ୍ରାମର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଷ୍ଣୁ ପ୍ରସାଦ ମେହେର ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ଗ୍ରାମର ଗୌନ୍ତିଆ ନରେନ୍ଦ୍ର ମେହେର, ସ୍କୁଲର (ପୂର୍ବତନ ସଭାପତି) ଚିତ୍ରସେନ ମେହେର, ସ୍କୁଲ ସଭାପତି କରୁଣାକର ବନଗୁଲା ଏହି ଅବସରରେ ଯୋଗ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ କୁଳମଣି ମେହେରଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ହିନ୍ଦୀ ଶିକ୍ଷକ ଘନଶ୍ୟାମ ମେହେର ସବିଶେଷ ବିବରଣୀ ପାଠକରିଥିଲେ । ଏହି ଅବସରରେ ସହକାରୀ ଶିକ୍ଷକ ଜୟଲାଲ ପଧାନ, ପ୍ରେମରାଜ ସେଠ୍, କୈଳାସ ମେହେର, ଶିକ୍ଷୟତ୍ରୀ ଯାଜ୍ଞସିନୀ ପାଣିଗ୍ରାହୀ ଏବଂ ଶଙ୍କର ଦେହେରୀ, ଜଗନ୍ନାଥ ମେହେର, ନୀଳମଣି ମେହେର, ପୂର୍ବତନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । କିରାଣୀ ଭଗବାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ପାଉଁଶ ଡମ୍ପିଂୟାର୍ଡକୁ ବିରୋଧ

ଝାରସୁଗୁଡ଼ା : ଝାରସୁଗୁଡା ଜିଲ୍ଲାରେ ଗଢି ଉଠିଥିବା ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶ ଓ ବର୍ଜ୍ୟବସ୍ତୁକୁ ବେଆଇନ ଭାବେ ପରିବହନ ଓ ଡମ୍ପିଙ୍ଗ ଘଟଣାକୁ ନେଇ ବ୍ରଜରାଜନଗର ବିଧାୟିକା ଉଦବେଗ ପ୍ରକାଶ କରିବା ସହ ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦିଆଯାଇଥିବା ଅନୁମତି ବାତିଲ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ପତ୍ର ମାଧମରେ ଅନୁରୋଧ କରିଛନ୍ତି । ବେଆଇନ ପାଉଁଶ ପରିବହନକୁ ନେଇ ଗତ କିଛି ଦିନ ହେବ ଜନଅସନ୍ତୋଷ ବୃଦ୍ଧି ପାଇଥିବା ଓ ନିକଟରେ ଲଖନପୁର ବ୍ଲକ ଦଲଗାଁକୁ ପାଉଁଶ ପରିବହନ ନେଇ ଅଭିଯୋଗ ହେବା ପରେ ବିଧାୟିକା ଶ୍ରୀମତୀ ମହାନ୍ତି ଏ ନେଇ ଜିଲ୍ଲାପାଳଙ୍କୁ ପତ୍ର ଲେଖୁଛନ୍ତି । ଏଥି ସହିତ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ ପରିବହନ ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଝାରସୁଗୁଡାରେ ଥିବା ବେଦାନ୍ତ ଆଲୁମିନିୟମ କମ୍ପାନୀ ଓ ବିଦ୍ୟୁତ 'ଉତ୍ପାଦନକାରୀ କମ୍ପାନୀରୁ ନିର୍ଗତ ପାଉଁଶକୁ ଅସୁରକ୍ଷିତ ଉପାୟରେ ପରିବହନ କରିବା ସହ ବ୍ରଜରାଜ ନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜମା କରୁଥିବା ନେଇ ବିଧାୟିକା ଜିଲ୍ଲାପାଳଙ୍କୁ ଦେଇଥିବା ତାଙ୍କ ପତ୍ରରେ ଅଭିଯୋଗ କରିଛନ୍ତି । ଲଖନପୁର ବ୍ଲକ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାବେଳେ ପାଉଁଶ ଜମା ଯୋଗୁଁ ଚାଷ କାର୍ଯ୍ୟ ବ୍ୟାହତ ହେଉଥିବା ଅଭିଯୋଗ କରିଛନ୍ତି । ଗତ ୨୧ ତାରିଖ ଦିନ ବେଆଇନ ପାଉଁଶ ପରିବହନକୁ ନେଇ ଜିଲ୍ଲାପାଳ ଏକ ନିର୍ଦ୍ଦେଶନାମା ଜାରି କରିବା ସହ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ଏହାର ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଥିବା ନେଇ ବିଧାୟିକା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ଗତ ୨୨ ତାରିଖ ଦିନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଉକ୍ତ କମ୍ପାନୀକୁ ଦଲଗାଁ ମୌଜାର ୧୭୪ ଏକର ଜମି ଓ କ୍ୱାରିରେ ୨୦ ଲକ୍ଷ ଟନ ପାଉଁଶ ପକାଇବା ପାଇଁ ଅନୁମତି ଦେଇଛନ୍ତି । ଯାହାକି କ୍ୱାରି ଅଞ୍ଚଳରୁ ଶହେ ଗୁଣା ଅଧିକ ହେବ । ଅପରପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସେହି ଅଞ୍ଚଳରେ କୌଣସି ସର୍ଭେ କିମ୍ବା ଆକଳନ କରା ନ ଯାଇ ଅନୁମତି ପ୍ରଦାନ କରାଯାଇଛି ବୋଲି ବିଧାୟିକା ଅଭିଯୋଗ କରିଛନ୍ତି ।

# ଶ୍ରୀ ଜଗନ୍ନାଥଙ୍କ ଅଜ୍ଞାତବାସ

୫୦୦ ରୁ ୧୭୩୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨୩୩ ବର୍ଷ ଧରି କ୍ରମାଗତ ଭାବେ ଆଫଗାନୀ ଓ ମୋଗଲମାନଙ୍କ ଦ୍ୱାରା ୧୭ଥର ପୁରୀ ଜଗନ୍ନାଥ ମନ୍ଦିର ଉପରେ ବହୁବାର ଆକ୍ରମଣ କରାଯାଇଥିଲା । ହିନ୍ଦୁମାନଙ୍କ ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଧ୍ୱଂସ ନ କରିବା ପର୍ଯ୍ୟନ୍ତ ଓଡ଼ିଶାକୁ ଜୟକରିବା ଅସମ୍ଭବ ବୋଲି ସମସ୍ତ ମୁସଲିମ ଆକ୍ରମଣକାରୀ ଧରି ନେଇଥିଲେ ? ଏହି ବିଧର୍ମୀ ଯବନମାନଙ୍କ ଆକ୍ରମଣରୁ ଶ୍ରୀବିଗ୍ରହମାନଙ୍କୁ ରକ୍ଷାକରିବା ଲାଗି କେତେବେଳେ ଦୋବନ୍ଧା ବାଟେ ଡଙ୍ଗାରେ ରଖି ଚିଲିକା ଗର୍ଭକୁ ଆଉ କେତେବେଳେ ଚଉଦୋଳାରେ ବୁହାଇ ଦକ୍ଷିଣ ଓଡ଼ିଶାର ଘଞ୍ଚ ଜଙ୍ଗଲ ମଧକୁ ଶ୍ରୀବିଗ୍ରହମାନଙ୍କୁ ନିଆଯାଉଥିଲା । ଏଥିପାଇଁ ଜଗନ୍ନାଥଙ୍କ ସେବକମାନଙ୍କ ମଧରେ ଚାପ ଦଳେଇ ଅରିଆ ସେବକ ନାମରେ ଗୋଟିଏ ସ୍ୱତନ୍ତ୍ର ବୃତ୍ତିଭୋଗୀ ସେବକ ଗୋଷ୍ଠୀକୁ ସୃଷ୍ଟି କରାଯାଇ ନିଯୁକ୍ତି ଦିଆଯାଇଥିଲା । ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣର ଆଭାସ ମିଳିବା ମାତ୍ରେ ତତ୍କ୍ଷଣାତ୍ ଚାପ ଦଳେଇ ଓ ଅରିଆ ସେବକମାନେ ଶ୍ରୀ ବିଗ୍ରହମାନଙ୍କୁ ଚାପରେ ଧରି ଚିଲିକା ଗର୍ଭକୁ ବୋହି ନେଇଯାଉଥିଲେ । ଏଥିପାଇଁ ବର୍ଷସାରା ମାଣିକପାଟଣା ଓ ଖାଲିକାପାଟଣା ମୁହାଣଠାରେ ବୋଇତ, ଚାପ ଓ ଡଙ୍ଗାମାନ ସଦାସର୍ବଦା ପ୍ରସ୍ତୁତ ହୋଇ ରହୁଥିଲା ।

୧୫୦୦ - ପାତାଳି ଶ୍ରୀକ୍ଷେତ୍ର ସୋନପୁର : ପ୍ରଥମେ ରକ୍ତବାହୁ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲା । ଏହାପରେ ଆଫଗାନୀ କଳାପାହାଡ଼ର ଆକ୍ରମଣରୁ ଶ୍ରୀବିଗ୍ରହମାନଙ୍କୁ ରକ୍ଷା କରିବା ଲାଗି ଅତି ଗୋପନରେ ଶ୍ରୀବିଗ୍ରହମାନଙ୍କୁ ସୋନପୁରର ଗୋପାଳୀ ଗ୍ରାମରେ ଦୀର୍ଘ ୧୪୬ବର୍ଷ ପାଇଁ ଅବସ୍ଥାନ କଲେ ।

୧୫୦୯ - ଚାଡିଗୁହା : ଇସଲାମ ଗାଜୀଙ୍କ ଆକ୍ରମଣ ସମୟରେ ପ୍ରତାପରୁଦ୍ର ଦେବ ରାଜତ୍ୱ କରୁଥିଲେ । ସେତେବେଳେ ସେବାୟତମାନେ ଶ୍ରୀଜୀଉମାନଙ୍କ ସୁରକ୍ଷା ପାଇଁ ଚିଲିକା ହ୍ରଦ ମଧରେ ଥିବା ଚାଡିଗୁହା ଦ୍ୱୀପରେ ନେଇ ଗୋପନରେ ରଖାଗଲା ।

୧୬୦୧ - କପିଳେଶ୍ୱର : ଏକଦା ପୁରୀ ଆକ୍ରମଣ କରିଥିଲେ ମିର୍ଜା ଖୁରାମ । ସେହିସମୟରେ ମହାପ୍ରଭୁ ମାନଙ୍କର ସୁରକ୍ଷା ପାଇଁ ଭାର୍ଗବୀ ନଦୀ ପାର ହୋଇ କପିଳେଶ୍ୱରରେ ୮ମାସ ଆଶ୍ରୟ ନେଇଥିଲେ ।

୧୫୬୫ - କାଙ୍କଣ ଶିଖରୀ, ଚିଲିକା : ଏଠାରେ ମହାପ୍ରଭୁ ଦୁଇଥର ଆଶ୍ରୟ ନେଇଥିଲେ । କଳାପାହାଡ଼ ଆକ୍ରମଣ ସମୟରେ ଶ୍ରୀଜୀଉମାନଙ୍କୁ ଏଠାକୁ ଅଣାଗଲା । ଏଠାରେ ଘୋର କାଙ୍କଣବଣ ଜଙ୍ଗଲରେ ମହାପ୍ରଭୁଙ୍କୁ କଣ ଭୋଗ ଲାଗିବ ବୋଲି ବିଚାର କଲେ ସେବକମାନେ । ବାଧ ହୋଇ ସେମାନେ ଏକ ଚୂଆରୁ ଜଳ ଏବଂ କଣ୍ଟାଫଳ କାଙ୍କଣ ରୋଷେଇ କରି ଲାଗିକଲେ । ଏହା ପରେ ସେ ଭୋଗ ମହାପ୍ରସାଦରେ ପରିଣତ ହେଲା । ସମଗ୍ର ଚିଲିକା କ୍ଷାରିଅ ପାଣି ହୋଇଥିବା ବେଳେ ସେ ଚୂଆର ପାଣି ଅଦ୍ୟାପି ମଧୁର । ୨୦୧୫ ନବକଳେବର ସମୟରୁ ସେଠାକୁ ନନ୍ଦିଘୋଷ ରଥର ଚକ ପୂଜା ପାଉଛନ୍ତି ।

୧୫୬୬ - ନଇରୀ, ଚିଲିକା : କଳାପାହାଡ଼ ଆକ୍ରମଣ ସମୟରେ ମହାପ୍ରଭୁ କାଙ୍କଣ ଶିଖରୀରୁ ସ୍ଥାନାନ୍ତର କରାଯାଇଥିଲା । ଏଠାରେ ଥିବା ହରିହର ମନ୍ଦିରରେ ଠାକୁର ଅବସ୍ଥାନ କରିଥିଲେ । ଅଦ୍ୟାବଧି ସେଠାରେ ମହାପ୍ରଭୁଙ୍କ ତିନିଟି ରତ୍ନଚକା ଅଛି । ଏଠାରେ ରଥଯାତ୍ରା ମଧ ଶଗଡିରେ ହୋଇଥିଲା ।

୧୫୬୮ - ଗଡ କୁଜଙ୍ଗ : କଳାପାହାଡ଼ର ଆକ୍ରମଣ ବେଳେ କୌଶଳ କ୍ରମେ ବିସର ମହାନ୍ତି ନାମକ ଏକ ବୈଷ୍ଣବ ସନ୍ନ୍ୟାସୀ ତାଙ୍କ ଢୋଲ ଭିତରେ ମହାପ୍ରଭୁଙ୍କ ବ୍ରହ୍ମକୁ ଆଣି ୧୫୬୮ରୁ ୧୫୭୫ ଜଗତସିଂହପୁରର କୁଜଙ୍ଗରେ ପୂଜା କଲେ । ୧୫୭୫ରେ ରାମଚନ୍ଦ୍ର ଦେବ ଏହାକୁ ଆଣି ଖୋର୍ଦ୍ଧାରେ ଏକ ବର୍ଷ ପୂଜାପରେ ୧୫୭୬ର ନବକଳେବର ସମୟରେ ବିଗ୍ରହରେ ସଂସ୍ଥାପିତ ହେଲେ ।

୧୬୦୮ - ଗୋପାଳ ମନ୍ଦିର : ୧୬୦୮ ମସିହାରେ ଓଡ଼ିଶାର ଉପଦେଷ୍ଟା ହେଲେ ହାସିମ ଖାନ । ସେତେବେଳେ ରାଜା ପୁରୁଷୋତ୍ତମ ଦେବ । ଏହି ସମୟରେ ସେ ଜଗନ୍ନାଥ ମନ୍ଦିର ଆକ୍ରମଣ କରିଥିଲେ । ସେବକମାନେ ଶ୍ରୀଜୀଉମାନଙ୍କୁ ରାଜଧାନୀସ୍ଥିତ ଗୋପାଳ ମନ୍ଦିରରେ ଗୋପନ ଭାବେ ରଖାଗଲା ।

୧୬୧୦ - ମା ବିମଳାଙ୍କ ମନ୍ଦିର : ୧୬୧୦ରେ କେଶୁ ଦାସ ନାମକ ଜଣେ ମୋଗଲ ସୁବାଦାର ଜଗନ୍ନାଥ ମନ୍ଦିର ଉପରେ ଏତେ ଅତର୍କିତ ଭାବେ ଆକ୍ରମଣ କରିଥିଲା ଯେ ଶ୍ରୀବିଗ୍ରହମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ସେବାୟତମାନଙ୍କୁ ସମୟ ମିଳି ନ ଥିଲା । କେବଳ ବିଗ୍ରହମାନଙ୍କଠାରୁ ବିନା ଉପଚାରରେ ବ୍ରହ୍ମ କଢ଼ାଯାଇ ମା ବିମଳାଙ୍କ ପଛପଟେ ଲୁଚାଯାଇଥିଲା ? ଏହାପରେ ମୋଗଲ ସୁବାଦାର କେଶୁଦାସ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନେଇ ବଡ଼ଦାଣ୍ଡରେ ନିଆଁ ଲଗାଇ ଦେଇଥିଲା ଏବଂ ତା ସହିତ ଶ୍ରୀଗୁଣ୍ଡିଚା ଉପଲକ୍ଷେ ପ୍ରସ୍ତୁତ ହୋଇଥିବା ତିନି ରଥରେ ମଧ ନିଆଁ ଲଗାଇ ଦେଇଥିଲା ? ଏହି ଭୟରେ ଦୀର୍ଘବର୍ଷ ଧରି ପୁରୀରେ ରଥଯାତ୍ରା ହୋଇନଥିଲା ।

୧୬୧୧ - ୧୨ : ଚକାନାସି, ଚିଲିକା : କଲ୍ୟାଣ ମାଲ ଶ୍ରୀମନ୍ଦିରକୁ ୨ଥର ଆକ୍ରମଣ କରିଥିଲା । ପ୍ରଥମଥର ଯୁଦ୍ଧ ପୂର୍ବରୁ ଶ୍ରୀଜୀଉମାନଙ୍କୁ ଚିଲିକା ହ୍ରଦ ମଧରେ ଥିବା ଚକାନାସି ଦ୍ୱୀପକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଯୁଦ୍ଧରେ ସେ ପୁରୁଷୋତ୍ତମ ଦେବଙ୍କଠାରୁ ପରାସ୍ତ ହୋଇଥିଲା । ଦ୍ୱିତୀୟ ଥର ୧୬୧୨ରେ ଆକ୍ରମଣ ସମୟରେ ମହାପ୍ରଭୁ ଚକାନାସିରେ ଥିଲେ ସେଠାରୁ ଯାଇ ଦଧିବାମନ ମନ୍ଦିରରେ ରହିଲେ ।

**(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)**

# ତିନି ରଥରେ ଓଲଟ ଶୁଆ

ପକ୍ଷୀ ମାନଙ୍କ ମଧରେ ଶୁକ ପକ୍ଷୀ ବା ଶୁଆ ଏକ ଅଭୂତ ପକ୍ଷୀ । ଏହା ଜ୍ଞାନର ପ୍ରତୀକ । ଶୁଆ ଏକ ମାତ୍ର ପକ୍ଷୀ ଯିଏ କି ମନୁଷ୍ୟର ସ୍ୱରକୁ ଅନୁକରଣ କରିପାରେ । ବ୍ୟାସ ସୂତ ବ୍ରହ୍ମଜ୍ଞାନୀ ଶୁକ ଦେବଙ୍କୁ ଶୁକ ପକ୍ଷୀ ରୂପେ ପରିକଳ୍ପନା କରା ଯାଇ ଥାଏ । ଶୁକ ଦେବଙ୍କ ଜନ୍ମ କାହାଣୀରୁ ଜଣାଯାଏ, ମାତା ଶ୍ରୀୟା ଦେବୀଙ୍କ ଗର୍ଭରେ ସଞ୍ଚାର ହେବା ଆଗରୁ ଶୁକଦେବ ଶୁକପକ୍ଷୀରୂପେ ଶିବ ଏବଂ ପାର୍ବତୀଙ୍କ କଥୋପକଥନରୁ ସମସ୍ତ ବ୍ରହ୍ମ ଜ୍ଞାନ ପ୍ରାପ୍ତ ହୋଇ ସାରିଥିଲେ । ଆମ ଶାସ୍ତ୍ରମାନଙ୍କରେ ହଂସ ମୟୂର ଉଲ୍ଲୁକ, ଗରୁଡ଼, ଅରୁଣ ଆଦି ପକ୍ଷୀମାନେ ଦେବା ଦେବୀଙ୍କ ବାହନ ରୂପେ ପରିଚିତ । ରାମାୟଣରେ ଗୃଧ୍ରରାଜ ଜଟାୟୁ ସମ୍ପାତ୍ତି ସର୍ବଜନ ବିଦିତ । ଆମ ଭାରତୀୟ ସଂସ୍କୃତିସହ ବିଭିନ୍ନ ପକ୍ଷୀମାନେ କାହିଁ କେଉଁ କାଳରୁ ଜଡ଼ିତ ହୋଇ ରହିଛନ୍ତି ।

ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଶ୍ରୀ ବଳଦେବ, ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ତିନିରଥ ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନ ଶାସ୍ତ୍ରୀୟ ପଦ୍ଧତିରେ ନିର୍ମିତ । ଏହି ରଥମାନଙ୍କରେ ବିଜେ କରିଛନ୍ତି ବିଭିନ୍ନ ଦେ୍ୱତା, ଗନ୍ଧର୍ବ ଓ ଋଷିମାନେ । ଏମାନଙ୍କ ସହ, ସମସ୍ତେ ଲକ୍ଷ୍ୟ କରିଥିବେ ପ୍ରତି ରଥରେ ଦଧିନଉତି ଦୁଇ ପାଖରେ ରହିଛନ୍ତି ଓଲଟ ଶୁଆ ଭାବେ ପରିଚିତ ଯୋଡ଼ିଏ କରି ଶୁଆ । ସେମାନଙ୍କ ମୁହଁ ଓ ବେକ ସମ୍ମୁଖକୁ ନ ରହି, ପଛକୁ ମୋଡ଼ି ହୋଇ ରହିଛି । ସେମାନେ ଏଣୁ ଓଲଟ ଶୁଆ ନାମରେ ପରିଚିତ । ଏ ଶୁଆଙ୍କର ନିର୍ଦ୍ଦିଷ୍ଟ ନାମ ରହିଛି । ବଳଦେବଙ୍କ ତାଳଧ୍ୱଜ ରଥର ଶୁଆଙ୍କ ନାମ ଶ୍ରଦ୍ଧା ଓ ବିଶ୍ୱାସ । ଅନ୍ୟ ମତରେ ସୁବର୍ଣ୍ଣ ଓ ସୁପର୍ଣ୍ଣ । ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଶୁକଯୁଗଳଙ୍କ ନାମ ଜୀବ ଓ ପରମ । ଦେବଦଳନ ରଥରେ ଏହାଙ୍କ ନାମ ଶ୍ରୁତି ଓ ସ୍ମୃତି । ରଥ ମାନଙ୍କର ସମସ୍ତ ଅଙ୍ଗ ତତ୍ତ୍ୱମୟ । ଏହି ଶୁଆମାନଙ୍କ ଅବସ୍ଥିତି ପଛରେ ମଧ ଗଭୀର ଦାର୍ଶନିକ ତତ୍ତ୍ୱ ନିହିତ ଅଛି ।

ଗବେଷକ ମାନଙ୍କ ମତରେ ଏ ଶୁକ ଯୁଗଳ ବେଦ ତତ୍ତ୍ୱମୟ ଅଟନ୍ତି । ଋଗବେଦର ଗୋଟିଏ ମନ୍ତ୍ରରେ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ନିବାସ କରୁଥିବା କୁହାଯାଇଛି ।

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷମ୍ ପରିଷସ୍ୱଜାତେ
ତୟୋରନ୍ୟଃ ପିପ୍ପଳଂ
ସ୍ୱାଦ୍ୱତ୍ତ୍ୟନ୍ନନ୍ୟୋ ଅଭିଚାକଶୀତି

ଅର୍ଥାତ, ଚିର ସଙ୍ଗୀ ଦୁଇଟି ପକ୍ଷୀ ଗୋଟିଏ ବୃକ୍ଷ ଉପରେ ବସିଛନ୍ତି । ଗୋଟିଏ ପକ୍ଷୀ ବୃକ୍ଷର ଫଳ ତୋଳି ଖାଉଛି, ଅନ୍ୟଟି କେବଳ ତାକୁ ଦେଖୁଛି । ଏହି ମନ୍ତ୍ରର ବ୍ୟାଖ୍ୟା କରି କୁହାଯାଇଛି ସେ ବୃକ୍ଷ ହେଉଛି ଶ୍ରୀମଦ୍ ଭଗବତଗୀତା ବର୍ଣ୍ଣିତ ଉର୍ଦ୍ଧ୍ୱମୂଳ ଅଧଃଶାଖା ବିଶିଷ୍ଟ ଏହି ସଂସାର ବୃକ୍ଷ । ସେଥିରେ ଆତ୍ମା ପରମାତ୍ମା, ଜୀବପରମ ରୂପୀ ପକ୍ଷୀ ଦ୍ୱୟ ବାସରଚି ରହିଛନ୍ତି । ଜୀବରୂପୀ ପକ୍ଷୀଟି ଏ ଜଡ଼ ସଂସାରର ସମସ୍ତ ଫଳ ଭୋଗ କରୁଥିଲା ବେଳେ ପରମ ପକ୍ଷୀଟି ଏଥିରୁ ନିର୍ଲିପ୍ତ ରହିଛି ।

ଏହି ମନ୍ତ୍ର ମୁଣ୍ଡକ ଉପନିଷଦରେ ମଧ ଦେଖା ଯାଏ । ଆତ୍ମା ପରମାତ୍ମା ବା ଜୀବ ପରମ ତତ୍ତ୍ୱରୁ ଆମ ପୁରାଣ ଶାସ୍ତ୍ର ମାନଙ୍କରେ ଲୋଟଣୀ ପାରା, ଓଲଟ ଶୁଆ ଏବଂ ଓଲଟ ହଂସର ପରିକଳ୍ପନା କରାଯାଇଛି । ଓଲଟ ବୃକ୍ଷ ରୂପୀ ସଂସାର ସହିତ ଆମ ଶରୀର ଓ ତହିଁରେ ବାସ କରୁଥିବା ଆତ୍ମାକୁ ହଂସ ରୁପେ ପରିକଳ୍ପନା କରି, ଆମ ପ୍ରାଚୀନ କବି ଦାସରାଜୁ କହିଛନ୍ତି :-

ଓଲଟ ବୃକ୍ଷେ ଖେଳୁଛି
ଲୋଟଣି ପାରା ।
ଅଠାକାଠି ପଞ୍ଜୁରୀରେ
ନ ପଡ଼େ ଧରା ।

ଆମ ପଞ୍ଚସଖା ସାହିତ୍ୟ ମାନଙ୍କରେ ଜୀବ ପରମ ତତ୍ତ୍ୱର ଏପରି ଭୂରି ଭୂରି ବର୍ଣ୍ଣନା ରହିଛି ।

ସଚ୍ଚିଦାନନ୍ଦ ବ୍ରହ୍ମ ହିଁ ଦାରୁବ୍ରହ୍ମ ହୋଇ ବିରାଜମାନ କରିଛନ୍ତି ତିନି ରଥରେ । ତାହାଙ୍କ ଦର୍ଶନରେ ବ୍ରହ୍ମ ଦର୍ଶନ ହୁଏ । ଦଧିନଉତି ରୂପକ ସଂସାରର ବିଷୟ ଜଞ୍ଜାଳରେ ଲିପ୍ତ ହୋଇ ମଧ ଶୁକ ଯୁଗଳ ଶୋକ ରହିତ ହୋଇ, ଆରାଧ ବ୍ରହ୍ମଙ୍କ ଆଡକୁ ଦୃଷ୍ଟିପାତ କରୁଛନ୍ତି । ଏଠାରେ ଏକାକାର ହୋଇ ଯାଇଛନ୍ତି ପ୍ରକୃତି, ଜୀବ ଓ ପରମାତ୍ମା ପରମେଶ୍ୱର । ବେଦ ବର୍ଣ୍ଣିତ ଏହି ଜଟିଳ ଜୀବ ପରମ ତତ୍ତ୍ୱ ହିଁ ରଥସ୍ଥ ଓଲଟଶୁଆ ମାନଙ୍କରେ ପରିକଳ୍ପନା କରାଯାଇଛି ବୋଲି ଗବେଷକ ମାନଙ୍କର ମତ ।

ବେଦବର୍ଣ୍ଣିତ ଏ ଜଟିଳ ତତ୍ତ୍ୱକୁ ଅତିବଡ଼ି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧ ଦ୍ୱାଦଶ ଅଧ୍ୟାୟର ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦରେ ଅତି ପ୍ରାଞ୍ଜଳ ଭାବେ ବୁଝାଇ ଦେଇଛନ୍ତି

ଏକଇ ବୃକ୍ଷେ ହଂସ ଦୁଇ ।
ବସନ୍ତି ପ୍ରିୟ ଭାବ ବହି ।।
ଏକ ଆରେକ ନ ଛାଡ଼ନ୍ତି ।
ସ୍ୱଭାବେ ବେନି ସଖା ହୋନ୍ତି ।।
ସମାନ ଶକ୍ତି ସେ ବହନ୍ତି ।
ବଦ୍ଧ ବିମୁକ୍ତ ବେନି ଗତି ।।

ଅତିବଡ଼ି ପୁଣି କହିଲେ, ଜୀବପରମ ରୂପୀ ପକ୍ଷୀ ଦୁହେଁ ଯେଉଁ ବୃକ୍ଷରେ ନିବାସକରନ୍ତି ସେ ବୃକ୍ଷରେ ଯେତେ ଫଳ ଫଳେ, ତାହାକୁ ଏକ ପକ୍ଷୀ ଅର୍ଥାତ୍ ଜୀବ ବଳପୂର୍ବକ ଖାଇ ନିଏ । ପରମ ରୂପୀ ଅନ୍ୟ ପକ୍ଷୀଟି ନିର୍ଲ୍ଲେପ ନିରଞ୍ଜନ ରୁପରେ ଉପବାସରେ ରହେ । ଯେ ହେତୁ ଅନ୍ୟ ପକ୍ଷୀଟିର ନିର୍ମଳ ଜ୍ଞାନ, ନିଜ ପର କିଛି ନ ଦେଖି ସେ ନିତ୍ୟାନନ୍ଦ ମଧରେ ଥାଏ । ଯେଉଁ ପକ୍ଷୀଟି ବୃକ୍ଷର ଫଳ ଖାଏ ଅର୍ଥାତ କାମନା ବାସନା, ଭୋଗ ଲାଳସାରେ ବୁଡ଼ି ରହେ ଫଳ ସ୍ୱରୂପ ସେ ସଂସାର ବନ୍ଧନରେ ପଡ଼ିଯାଏ । ଅଜ୍ଞାନତା ହେତୁ, ସେ ଆଉ ଭଲ ମନ୍ଦ କିଛି ଜାଣି ପାରେ ନାହିଁ । ଏହିପରି ହେଉଛି ଏ ପକ୍ଷୀ ଦ୍ୱୟଙ୍କ ସ୍ୱରୂପ । ଏକ ନିର୍ଲ୍ଲେପ ନିରଞ୍ଜନ ପରମାତ୍ମା ଏବଂ ଅନ୍ୟଟି ବଦ୍ଧ ଜୀବ ଜୀବାତ୍ମା ।

# ଶ୍ରୀ ଜଗନ୍ନାଥଙ୍କ.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

୧୬୧୫ - ଗୁରୁବଦେଇ,ଚିଲିକା: ୧୬୧୫ରେ ତୋଡ଼ରମଲ୍ଲଙ୍କ ପୁଅ କଲ୍ୟାଣମଲ୍ଲ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲା । ବିଶ୍ୱସ୍ତ ସେବକମାନଙ୍କଦ୍ୱାରା ଶ୍ରୀବିଗ୍ରହମାନଙ୍କୁ ସ୍ଥାନାନ୍ତରିତ କରାଯାଇ ଚିଲିକାସ୍ଥିତ ଗୁରୁବଦେଇଠାରେ ଲୁକ୍କାୟିତ ରଖାଯାଇଥିଲା ।

୧୬୧୭ - ଗୁରୁବଦେଇ, ଚିଲିକା: ଆକ୍ରମ ଖାନ୍‌ଦ୍ୱାରା ଜଗନ୍ନାଥ ମନ୍ଦିର ଆକ୍ରମଣ ହେବାପରେ ଶ୍ରୀବିଗ୍ରହମାନଙ୍କୁ ସ୍ଥାନାନ୍ତରିତ କରାଯାଇ ଚିଲିକାସ୍ଥିତ ଗୁରୁବଦେଇଠାରେ ଲୁକ୍କାୟିତ ରଖାଯାଇଥିଲା ?

୧୬୧୭ - ମାଣିତ୍ରୀ ଦୁର୍ଗ: ସୁବାଦାର ଅହମନ୍ ବେଗ୍ଦ୍ୱାରା ପୁଣି ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରାଯିବା ଯୋଗୁ ଶ୍ରୀବିଗ୍ରହମାନଙ୍କୁ ଗୋପନରେ ମାଣିତ୍ରୀ ଦୁର୍ଗକୁ ସ୍ଥାନାନ୍ତରିତ କରାଯାଇଥିଲା ।

୧୬୨୧ - ମାଣିତ୍ରୀ ଦୁର୍ଗ: ୧୬୨୨ରେ ସୁବାଦାର ଅହମନ୍ ବେଗ୍ଦ୍ୱାରା ପୁଣି ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରାଯିବା ଯୋଗୁଁ ଶ୍ରୀବିଗ୍ରହମାନଙ୍କୁ ପୁଣି ଆଉଥରେ ଗୋପନରେ ମାଣିତ୍ରୀ ଦୁର୍ଗକୁ ସ୍ଥାନାନ୍ତରିତ କରାଯାଇଥିଲା ।

୧୬୨୩ - ମାଣିତ୍ରୀ ଦୁର୍ଗ: ୨୮ ଅଗଷ୍ଟ ୧୬୨୩ରେ ବେଗୁନିଆ ନିକଟସ୍ଥ ଗଡମାଣତୀରକୁ ଜଗନ୍ନାଥଙ୍କ ଦାରୁବିଗ୍ରହ ଆସିଥିଲା ।

୧୬୨୪ - ସାକ୍ଷୀଗୋପାଳ: ୧୬୨୪ରେ ପୁଣି ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରାଯିବା ଯୋଗୁ ଶ୍ରୀବିଗ୍ରହମାନଙ୍କୁ ସାକ୍ଷୀଗୋପାଳରେ ଏକ ମନ୍ଦିରରେ ଲୁକ୍କାୟିତ ରଖାଯାଇଥିଲା ।

୧୬୯୨ - କୋକଲଗଡ: ୧୬୯୨ରେ ଦାରୁଦିଅଁଙ୍କ ସହିତ ତାଙ୍କ ବିଜେ ପ୍ରତିମା ଶ୍ରୀମନ୍ଦିର ଦକ୍ଷିଣୀଘରୁ କୋକଲଗଡ଼କୁ ଯାଇଥିଲେ ।

୧୭୩୩ - ଶରଣ ଶ୍ରୀକ୍ଷେତ୍ର ମାରଦା: ଗଞ୍ଜାମ ଜିଲ୍ଲାର ପୋଲସରା ତହସିଲ ଅନ୍ତର୍ଗତ ମଥୁରା ପଞ୍ଚାୟତରେ ଶରଣ ଶ୍ରୀକ୍ଷେତ୍ର ଅବସ୍ଥିତ । ତକ୍କି ଖାନ ଆକ୍ରମଣ ସମୟରେ ଜଣେ ବଙ୍ଗୀୟ ରାଜାଙ୍କ ଭୟରେ ତତ୍କାଳୀନ ପୁରୀ ଗଜପତି ମହାରାଜା ଲୁକ୍କାୟିତ ଭାବେ ତିନି ଠାକୁରଙ୍କୁ ଆଣି ଏଠାରେ ବିଜେ କରାଇଥିଲେ । ୧୭୩୩ ମସିହାରେ ବିଜେ କରିଥିବା ତିନିଠାକୁର ଏଠାରେ ୨ବର୍ଷ ୪ ମାସ ରହଣି କରିଥିଲେ । ଏହି ସମୟରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ଓ ଭୋଗରାଗ ପାଇଁ ତତ୍କାଳୀନ ଆଠଗଡ଼ ରାଜା ନୃସିଂହ ଜଗଦ୍ଦେବ ହରିଚନ୍ଦନ ୮ଶହ ଭରଣ ଜମି ଯୋଗାଇ ଦେଇଥିଲେ । ତିନି ଠାକୁର ରହିବା ସମୟରେ ତକ୍କୀ ଦୃଷ୍ଟି ଆକର୍ଷଣକୁ ଏଡାଇବା ନିମନ୍ତେ ଏଠାରେ ରଥଯାତ୍ରା ପାଳନ କରାଯାଇ ନଥିଲା । ତିନି ଠାକୁର ଶ୍ରୀକ୍ଷେତ୍ରକୁ ବାହୁଡ଼ିଯିବା ପରେ ଶରଣ ଶ୍ରୀକ୍ଷେତ୍ରରେ କେବଳ ଠାକୁରମାନଙ୍କ ୩ ଆସନ ହିଁ ରହିଛି । ପୂଜକମାନେ କେବଳ ଆସନକୁ ପୂଜାର୍ଚ୍ଚନା କରୁଛନ୍ତି । ଏବେବି ମହାପ୍ରଭୁଙ୍କୁ ଆଶ୍ରୟ ଦେଇଥିବା ହେତୁ ଏକାଦଶୀ ଦିନ ମହାଦୀପ ଉଠିବା ସମୟରେ ତାଙ୍କର ମଙ୍ଗଳ କାମନା ପାଇଁ ଡାକ ପଡେ ଶ୍ରୀମନ୍ଦିର ଚୂଡାରୁ... ।

# ପରିବାରରୁ ଶିକ୍ଷା

କୁହାଯାଏ ପରିବାର ହେଉଛି ଶିଶୁଟିର ପ୍ରଥମ ବିଦ୍ୟାଳୟ ଓ ପିତାମାତା ହେଉଛନ୍ତି ତାର ପ୍ରଥମ ଗୁରୁ । ଔପଚାରିକ ଭାବେ ବିଦ୍ୟାଳୟକୁ ଶିକ୍ଷା ଗ୍ରହଣ କରିବାକୁ ଯିବା ପୂର୍ବରୁ ଶିଶୁଟି ପରିବାରରୁ ଅନେକ କଥା ଶିଖି ସାରିଥାଏ । ଯେହେତୁ ଶିଶୁମାନେ ଅନୁକରଣ ପ୍ରିୟ ସେମାନେ ପରିବାରର ବିଭିନ୍ନ ସଦସ୍ୟ ମାନଙ୍କର ଚାଲିଚଳନ, ଆଚାର, ବ୍ୟବହାରକୁ ସହଜରେ ଅନୁକରଣ କରିଥାନ୍ତି । ପାରିବାରିକ ପରିସ୍ଥିତି ଓ ପରିବେଶ ପିଲାମାନଙ୍କ ଉପରେ ଅନେକ ପ୍ରଭାବ ପକାଇଥାଏ ।

ବର୍ତ୍ତମାନ ସମାଜରେ ଆଧୁନିକତା ନାମରେ ଯେଉଁଭଳି ଭାବରେ ନୀତି, ନୈତିକତା, ସଂସ୍କୃତି, ପରମ୍ପରାର ଆଧୋପତନ ଘଟିଲାଣି ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପିଲାମାନଙ୍କୁ ସଠିକ୍ ମାର୍ଗଦର୍ଶନ କରିବା, ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରିବା ଓ ଶୃଙ୍ଖଳିତ ଭାବରେ ଗଢିତୋଳିବା ପାଇଁ ପରିବାରର ପ୍ରତ୍ୟେକ ସଦସ୍ୟ ଯତ୍ନବାନ ହେବା ଉଚିତ । ପରିବାର ମଧରେ ରହି ବା ପରିବାର ମାନଙ୍କ ସଂସ୍ପର୍ଶରେ ଆସି ପିଲାମାନେ ବିଭିନ୍ନ ସାମାଜିକ ଗୁଣାବଳୀ ସଦସ୍ୟବିଷୟରେ ଶିକ୍ଷା ଲାଭ କରିଥାନ୍ତି । ଗୁରୁଜନମାନଙ୍କୁ ସମ୍ମାନ ଦେବା, ଭକ୍ତି କରିବା, ସେମାନଙ୍କ ଉପଦେଶ ମାନିବା, ସାନମାନଙ୍କୁ ସ୍ନେହ ଦେବା, ଶ୍ରଦ୍ଧା କରିବା, ଘରକୁ କେହି ଅତିଥି ଆସିଲେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା, ଜୀବଜନ୍ତୁଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା, ସମୟର କିପରି ସଦୁପଯୋଗ କରିବା, ଏହିପରି ବିଭିନ୍ନ ଶିକ୍ଷା ପିଲାମାନେ ପରିବାର ମଧରୁ ହିଁ ଶିଖିବାକୁ ପାଇଥାନ୍ତି ।

ପରିବାର ଏକ ଅନୁଷ୍ଠାନ ଯେଉଁଠି ପିଲାମାନେ ନିଜ ଭବିଷ୍ୟତକୁ ସରସ, ସୁନ୍ଦର ଓ ମାର୍ଜିତ କରି ଗଢ଼ିତୋଳିବା ପାଇଁ ଉପଯୁକ୍ତ ପରିବେଶ ପାଇଥାନ୍ତି ଓ ଏହିପରି ଏକ ପରିବେଶ ସୃଷ୍ଟି କରିବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ । ବିଭିନ୍ନ ପାରିବାରିକ ଓ ସାମାଜିକ ସମ୍ପର୍କର ମୂଲ୍ୟ ବୁଝିବା ଓ ସମ୍ପର୍କକୁ ଗୁରୁତ୍ୱ ଦେବା ପିଲାଟି ତାର ପରିବାରରୁ ହିଁ ଶିଖିଥାଏ । ପରିବାରର ସଦସ୍ୟମାନଙ୍କ ମଧରେ ସୁ ସମ୍ପର୍କ ଓ ଉତ୍ତମ ବୁଝାମଣା ପିଲାମାନଙ୍କ ମନରେ ଏକ ସକରାତ୍ମକ ପ୍ରଭାବ ପକାଇଥାଏ ।

ପିଲାମାନଙ୍କ ମଧରେ ଧୈର୍ଯ୍ୟ, ସହନଶୀଳତା, ଦୟା, କ୍ଷମା ଆଦି ଗୁଣସବୁ ପରିବାର ଭିତରେ ରହି, ପରିବାରର ସଦସ୍ୟଙ୍କ ସଂସ୍ପର୍ଶରେ ଆସି ବିକାଶ ଲାଭ କରିଥାଏ ଯାହା ସେମାନଙ୍କୁ ଭବିଷ୍ୟତରେ ଏକ ଉତ୍ତମ ନାଗରିକରେ ପରିଣତ କରିବାକୁ ସାହାଯ୍ୟ କରେ । ପରିବାରର ସଦସ୍ୟମାନେ ଏକତ୍ରିତ ହୋଇ ବିଭିନ୍ନ ପର୍ବପର୍ବାଣି ପାଳନ କରିବା, ଯେକୌଣସି ବିପଦ ବା ସମସ୍ୟା ଆସିଲେ ଏକତ୍ରିତ ହୋଇ ଧୈର୍ଯ୍ୟର ସହ ସାମ୍ନା କରିବା, ପରିବାରର ସମସ୍ତ ସଦସ୍ୟଙ୍କ ମତାମତକୁ ସମାନ ଭାବରେ ସମ୍ମାନ ଦେବା ଦ୍ୱାରା ଏହାର ସୁପ୍ରଭାବ ମଧ ପିଲାମାନଙ୍କ ଉପରେ ପଡିଥାଏ ଯାହା ସେମାନଙ୍କୁ ପରିବାରର ଗୁରୁତ୍ୱକୁ ଉପଲବ୍ଧି କରାଇବାରେ ସାହାଯ୍ୟ କରିଥାଏ ।

ତେଣୁ ପରିବାର ହେଉଛି ଶିଶୁର ଆଦ୍ୟ ପାଠଶାଳା ଯେଉଁଠି ସେ ଜୀବନକୁ ଗଢିବାର ଓ ଜୀବନକୁ ଜିଇଁବାର କଳା ଶିକ୍ଷାଲାଭ କରିଥାଏ । ବାହ୍ୟ ପରିବେଶ ଦ୍ୱାରା କେତେକାଂଶରେ ପ୍ରଭାବିତ ହେଲେ ମଧ ପରିବାରର ସଂସ୍କାର ଓ ଅନୁଶାସନ ହିଁ ବର୍ତ୍ତମାନର ଯୁବପିଢିଙ୍କୁ ବିପଥଗାମୀ ହେବାରୁ ରକ୍ଷା କରିପାରିବ । ତେଣୁ ପରିବାରର ପ୍ରତିଟି ସଦସ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ।

## ଆଜିର ଚିନ୍ତନ

ସ୍ୱତନ୍ତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ଇଂରେଜ ସରକାରଙ୍କ ବିରୋଧରେ ଦେଶବ୍ୟାପୀ ଆରମ୍ଭ ହୋଇ ଯାଇଥାଏ 'ଭାରତ ଛାଡ଼ ଆନ୍ଦୋଳନ । ୧୯୪୨ ମସିହାର ଏହି ଆନ୍ଦୋଳନ କ୍ରମଶଃ ବ୍ୟାପକ ରୂପ ନେଉଥାଏ । ଇଂରେଜ ସରକାରଙ୍କୁ ଗାଦି ଛାଡ଼ିବା ପାଇଁ ବାଧ କରିବା ଉଦ୍ଦେଶ୍ୟରେ ଚରମପନ୍ଥୀ କ୍ରାନ୍ତିକାରୀମାନେ ବଦ୍ଧପରିକର ଥିଲେ । ଅକ୍ଟୋବର ୨୦-୧୯୪୨ ମସିହା ଇଂରେଜ ସରକାରଙ୍କ ଅସ୍ତ୍ରାଗାରକୁ ଅସ୍ତ୍ରଶସ୍ତ୍ର ବୋଝେଇ ହୋଇ ରେଳଗାଡ଼ି ଆସୁଥାଏ । ଜଣେ କ୍ରାନ୍ତିକାରୀ ନିଜର ଦୁଇ ସାଥୀଙ୍କ ସହ' ଅସ୍ତ୍ରଶସ୍ତ୍ର ଠିକଣା ସ୍ଥଳରେ ପହଞ୍ଚାଇ ନ ଦେବାକୁ ସିଦ୍ଧାନ୍ତ ନେଇଥିଲେ । ଷଡ଼ଯନ୍ତ୍ର ଅନୁଯାୟୀ ରେଳ ଗାଡ଼ିକୁ ଦୁର୍ଘଟଣାଗ୍ରସ୍ତ କରାଇବା ଉଦ୍ଦେଶ୍ୟରେ ରେଳ ଲାଇନ୍‌ର ଫିସ୍‌ପ୍ଲେଟ ଖୋଲିବାରେ ଲାଗି ଯାଇଥିଲେ । ଅପ୍ରତ୍ୟାଶିତ ଭାବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା । ଯୁବକଙ୍କ ଦୁଇ ସାଥୀ କୌଣସି ପ୍ରକାରେ ଆତ୍ମରକ୍ଷାରେ ସଫଳ ହୋଇ ଥିବାବେଳେ ଜଣଙ୍କୁ ଘଟଣା ସ୍ଥଳରେ ହିଁ ଧରା ଯାଇଥିଲା ।


ଇଂରେଜ ସରକାର କ୍ରାନ୍ତିକାରୀମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡଦେଇ ଆନ୍ଦୋଳନକୁ ଦବାଇଦେବା ମସୁଧାରେ ଥାଆନ୍ତି । ସେମାନଙ୍କର ଦୃଢ଼ ଧାରଣା ଥିଲା ଯେ କଠୋର ଦଣ୍ଡ ଭୟରେ ଭାରତୀୟମାନେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବେ ନାହିଁ । ବିଚାରରେ ଯୁବକଙ୍କୁ ଦେଶଦ୍ରୋହ ଅପରାଧରେ କଠୋର ସଜା ଦିଆଯାଇଥିଲା ଫାଶୀଦଣ୍ଡ । ଫାଶୀର ଧାର୍ଯ୍ୟ ଦିନ ଉପସ୍ଥିତ ହୋଇଥିଲା । ଯୁବକ ଅତି ସ୍ୱାଭାବିକ ଥିଲେ । ଶ୍ରଦ୍ଧାପୂର୍ବକ ଭଗବଦ୍ ଗୀତା ପାଠ କରିଥିଲେ । ମୃତ୍ୟୁଦଣ୍ଡ ନେଇ ତିଳେ ବି ବିଚଳିତ ନଥିଲେ । ଉପସ୍ଥିତ ବିଚାରକ ତଥା ଅନ୍ୟ ଇଂରେଜ ଅଧିକାରୀମାନଙ୍କୁ ଚକିତ କରି ଯୁବକ ଫାଶୀ ମଞ୍ଚ ଉପରକୁ ଚଢ଼ିଯାଇ ଫାଶୀ ଦଉଡ଼ି ନିଜ ଗଳାରେ ଲଗାଇ ଦେଇଥିଲେ । 'ତୁମର କିଛି ଅନ୍ତିମ ଇଚ୍ଛା ଥିଲେ ପ୍ରକାଶ କରିପାର- କହିଥିଲେ ଇଂରେଜ ବିଚାରପତି ଓ ଫାଶୀ ଦଉଡ଼ିକୁ ଗଳାରେ ପକାଇ ସାରିଥିବା ଯୁବକ ବିଚାରପତିଙ୍କ ଠାରୁ ଏହା ଶୁଣି ହସିହସି କହିଥିଲେ- 'ଗୋଟିଏ ମାତ୍ର ଇଚ୍ଛା ଅଛି ।' 'ନିର୍ବିଘ୍ନରେ ପ୍ରକାଶ କରିପାର'- କହିଥିଲେ ବିଚାରକ । 'ସବୁଦିନ ପାଇଁ ଏହି ସଂସାର ଛାଡ଼ି ଚାଲିଯିବା ପୂର୍ବରୁ ମୋତେ ମୋର ଜନ୍ମଭୂମିର ଜୟଗାନ କରିବା ପାଇଁ ଅନୁମତି ଦିଆଯାଉ- ' ଦେଶଭକ୍ତ ଯୁବକ ଦୃପ୍ତ ସ୍ୱରରେ କହିଥିଲେ । ଫାଶୀ ଆସାମୀଙ୍କ ଅନ୍ତିମ ଇଚ୍ଛା ପୂର୍ଣ୍ଣ କରାଯାଇଥିଲା । 'ଭାରତ ମାତା କି ଜୟ' 'ବନ୍ଦେ ମାତରମ୍' 'ଇନ୍ ?କିଲାବ ଜିନ୍ଦାବାଦ' ଧ୍ୱନିରେ ପ୍ରକମ୍ପିତ କରି ଦେଇଥିଲେ ସେହି ସ୍ଥାନକୁ । ଫାଶୀ କୋଠରିରେ କୋଣଅନୁକୋଣରେ ପ୍ରତିଧ୍ୱନି ସୃଷ୍ଟି କରି ଏହା ଉପସ୍ଥିତ ସମସ୍ତଙ୍କୁ ଚମକାଇ ଦେଇଥିଲା । ପରିଶେଷରେ ଏହି ଦେଶପ୍ରେମୀ, ବିପ୍ଳବୀ, କ୍ରାନ୍ତିକାରୀ ଯୁବକଙ୍କ ଶରୀର କିଛିକ୍ଷଣ ପାଇଁ ଛଟପଟ ହୋଇ ନିଶ୍ଚଳ ହୋଇଯାଇଥିଲା । ଲିଭି ଯାଇଥିଲା ଜୀବନଦୀପ । ଭାରତମାତାର ଏହି ମହାନ ସୁପୁତ୍ରଙ୍କ ନାମ ଥିଲା ହେମୁ କଲ୍ୟାଣୀ ଯାହାଙ୍କୁ ଫିରିଙ୍ଗି ସରକାର ୨୧ ଜାନୁଆରୀ ୧୯୪୩ରେ ଫାଶୀ ଦେଇଥିଲେ । ମୃତ୍ୟୁ ସମୟକୁ ତାଙ୍କର ବୟସ ହୋଇଥିଲା ମାତ୍ର ୧୯ ବର୍ଷ ।

ବର୍ଷ ୨୭, ସଂଖ୍ୟା- ୨୭, ୨ - ୮ ଜୁଲାଇ ୨୦୨୩

## ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା ସମାଧାନ ନିର୍ଦ୍ଦେଶ ପାଳନ ହେବ ତ ?

ସରକାର ପରିବର୍ତ୍ତନ ହୋଇଛନ୍ତି । ମାତ୍ର ହୀରାକୁଦ ବିସ୍ଥାପିତଙ୍କ ଭାଗ୍ୟରେ ପରିବର୍ତ୍ତନ ନାହିଁ । ଦୀର୍ଘ ପ୍ରାୟ ସାତ ଦଶନ୍ଧି ଧରି ସମସ୍ୟା ଜର୍ଜରିତ ଏହି ବନ୍ଧ ବିସ୍ଥାପିତଙ୍କ ସମସ୍ୟା ସମାଧାନ ପ୍ରତି ଆନ୍ତରିକତା ପ୍ରକାଶ ପାଉନାହିଁ । ଫଳସ୍ୱରୂପ ଆଜି ବି ଭାଗ୍ୟକୁ ଆଦରି ଏମାନେ ଅମାନବୀୟ ଜୀବନ ଜିଉଁଛନ୍ତି । ଇତି ମଧ୍ୟରେ ମାମଲା ଏନଏଚଆର୍‌ସିରେ ଶେଷ ହୋଇଛି । ଆଉ ବିସ୍ଥାପିତ ପରିବାର ଗୁଡ଼ିକର କ୍ଷତିପୂରଣ ଏବଂ ଥଇଥାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଓଡ଼ିଶା ରାଜ୍ୟ ସରକାରଙ୍କୁ ଏନଏଚଆରସି ନିର୍ଦ୍ଦେଶ ଦେଇ ସାରିଛନ୍ତି । ହେଲେ ଉକ୍ତ ରାୟର ଅନୁପାଳନ କିଭଳି ହେଉଛି ତାହାକୁ ନେଇ ସଂଶୟ ଲାଗି ରହିଛି ।

ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ହୀରାକୁଦ ବିସ୍ଥାପିତଙ୍କ ମାନବାଧିକାର କିଭଳି କ୍ଷୁର୍ଣ୍ଣ ହୋଇ ଚାଲିଛି ସେନେଇ ଜାତୀୟ ମାନବାଧିକାର କମିଶନରେ ଏକ ପିଟିସନ ଗତ ୨୦୧୭ ମସିହା ମାର୍ଚ୍ଚ ୮ ତାରିଖ ଦିନ ଦାଖଲ କରିଥିଲେ । ଏନଏଚଆର୍‌ସିର ହସ୍ତକ୍ଷେପ ପରେ ସରକାର ଚେଇଁବା ସହ ଅନେକ ଅସମାହିତ ସମସ୍ୟାର ସମାଧାନ ଦିଗରେ ତତ୍ପରତା ପ୍ରକାଶ ପାଇଛି ସତ ମାତ୍ର ସମସ୍ୟାରେ ପୂର୍ଣ୍ଣଚ୍ଛେଦ ପଡ଼ି ନାହିଁ । ଗତ ଅପ୍ରେଲ ମାସ ୧୩ ତାରିଖ ଏହି ମାମଲା ଏନ୍‌ଏଚଆରସିରେ ଶେଷ ହୋଇଛି । ଓଡ଼ିଶା ସରକାରଙ୍କୁ ବିସ୍ଥାପିତଙ୍କ ଥଇଥାନ ଏବଂ କ୍ଷତିପୂରଣ ପ୍ରଦାନ ନେଇ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି କାଳରେ ଏନଏଚଆର୍‌ସିରେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ସରକାର ଏହି ମାମଲା ପରେ ରିପୋର୍ଟ ଦାଖଲ କରିଥିଲେ । ସମୁଦାୟ ୨୬ ହଜାର ୫୬୧ ପରିବାର ହୀରାକୁଦ ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ହୋଇଥିବା ଆବେଦନକାରୀ ଦର୍ଶାଇଥିଲେ । ଯେଉଁମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିଲା । ବିସ୍ଥାପିତ ପରିବାର ଗୁଡ଼ିକର ଦୁଃଖ ଦୁର୍ଦ୍ଦଶା ସଂପର୍କରେ କମିଶନଙ୍କୁ ଅବଗତ କରିବା ସହ ହସ୍ତକ୍ଷେପ ଲୋଡ଼ି ଥିଲେ । ଗତ ୨ ଜୁନ ୨୦୨୨ ଦିନ କମିଶନର ନିର୍ଦ୍ଦେଶାନୁ ସାରେ ଓଡ଼ିଶା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ଜବାବ ଦାଖଲ କରିଥିଲେ । ପ୍ରଦତ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ସମୁଦାୟ ୩୫୦୦ ଦରଖାସ୍ତକାରୀ ଘର ଡିହ ପଟ୍ଟା ପାଇଁ ଆବେଦନ କରି ପାଇ ସାରିଛନ୍ତି । ଏକ ବର୍ଷ ମଧ୍ୟରେ ପ୍ରାୟ ୧୭୦୦ ଆବେଦନର ଶୁଣାଣି କରାଯାଇଛି । ଝାରସୁଗୁଡ଼ା ଏବଂ ଅଙ୍ଗୁଲି ଗ୍ରାମ ଜଳଭଣ୍ଡାରର ୬୩୨ ଆର୍ଏଲ୍ ସୀମା ମଧ୍ୟରେ ଥିବାରୁ ଏହି ଦୁଇ ଗ୍ରାମର ଜମି ଜଳ ସଂପଦ ବିଭାଗ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିବା ସମ୍ଭବ ନୁହେଁ ଝାରସୁଗୁଡ଼ା ଜିଲ୍ଲାର ୬୩୮ ଜଣଙ୍କୁ ୫୪ ଲକ୍ଷ ୭ ହଜାର ୮୨ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ୨୧୩ ଜଣ ଡିସି ପଟ୍ଟାଧାରୀଙ୍କ ପତ୍ତା ମିଳୁନାହିଁ । ୫୧ ଜଣ ଡିସି ପଟ୍ଟାଧାରୀଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାରେ ୨୫୦୮ ଡିସି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାରେ ୨୨୪୪ ଡିସି ପଟ୍ଟା ରେଗୁଲାରାଇଜ ହୋଇଛି । ୨୦୨୧ ମସିହାରେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ଅଣ ରାଜସ୍ୱ ଗ୍ରାମ ଗୁଡ଼ିକର ସ୍ୱତନ୍ତ୍ର ସର୍ଭେ କରାଯାଇ ଆରଓଆର୍ ପ୍ରସ୍ତୁତ କରାଯିବାକୁ ସରକାର ନିର୍ଦ୍ଦେଶ ଦେଇ ସାରିଛନ୍ତି । କମିଶନଙ୍କ ହସ୍ତକ୍ଷେପ ପରେ ଛତିଶଗଡ଼ ସରକାର ହୀରାକୁଦ ବିସ୍ଥାପିତ ଅଧ୍ୟୁଷିତ ୪ ଜିଲ୍ଲାରେ ରାସ୍ତାଘାଟ ନିର୍ମାଣ, ମୋବାଇଲ ଟାୱାର ସ୍ଥାପନ, ପିଏସୟୁ ବ୍ୟାଙ୍କ ଖୋଲାଯିବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଆଦି କରାଯାଇଥିବା ରିପୋର୍ଟରେ ଦର୍ଶାଇଥିଲେ । ଅନୁରୂପ ଭାବେ ଓଡ଼ିଶା ସରକାର ମଧ୍ୟ ଅନେକ ଭିତ୍ତିଭୂମିର ବିକାଶ ସହ ଉନ୍ନୟନ କାର୍ଯ୍ୟ କରିବା ସାଙ୍ଗକୁ ୧୭୦୦ ଘରଡିହ ପଟ୍ଟା ପ୍ରଦାନ ଏବଂ କ୍ଷତିପୂରଣ ପ୍ରଦାନ କରିଥିବା ଦର୍ଶାଇଥିଲେ । କମିଶନ ପକ୍ଷରୁ ପ୍ରେରିତ ସ୍ୱତନ୍ତ୍ର ଅଧିକାରୀ ଜଣକ ତଥ୍ୟ ସଂଗ୍ରହ କରି ବହୁ ବିସ୍ଥାପିତଙ୍କୁ କ୍ଷତିପୂରଣ ଏବଂ ଥଇଥାନ ସୁବିଧା ପ୍ରଦାନ କରାଯାଇ ନ ଥିବା ଉଲ୍ଲେଖ କରିଥିଲେ । ଆବେଦନକାରୀ ଦର୍ଶାଇଥିଲେ ଯେ ଜଳଭଣ୍ଡାର ଉପକୂଳରେ ୩୪ଟି ଗ୍ରାମର ଲୋକେ ଲିଜ ଭିତ୍ତିରେ ବୁଡ଼ି ଜମି ଚାଷ କରୁଥିଲେ ହେଁ ଉକ୍ତ ଜମିର ବନ୍ଦୋବସ୍ତ ହୋଇନାହିଁ । ସରକାରଙ୍କ ଚାପରେ ଅତିରିକ୍ତ ୨୨ ହଜାର ଏକର ଜମି ରହିଥିଲେ ହେଁ ଉକ୍ତ ବୁଡ଼ି ଜମିର ଭୂସ୍ୱତ୍ୱ ବିସ୍ଥାପିତ ପରିବାର ଗୁଡ଼ିକୁ ପ୍ରଦାନର ପ୍ରତିଶ୍ରୁତି ଦେଇ ପାଳନ କରି ନାହାନ୍ତି । ଦଶ ଡେସିମିଲ ଘରଡିହ ଜମି ପ୍ରଦାନ କ୍ଷେତ୍ରରେ ମଧ୍ୟ ପଦେ କ୍ଷେପ ଠିକ୍‌ରେ ନିଆଯାଇ ନାହିଁ । ବୁଡ଼ି ଅଞ୍ଚଳ ସଂଗ୍ରାମ ସମିତିର ଦାବିପତ୍ର ଅନୁଯାୟୀ ୧୬୯୩୪ ପରିବାର ଘରଡିହ ପାଇଁ ଆବେଦନ କରିଥିବା ସହ ୩୨ଟି ଅଣ ସର୍ଭେ ଗ୍ରାମ ଗୁଡ଼ିକର ବନ୍ଦୋବସ୍ତ ନ ହେବା, କ୍ଷତିପୂରଣ ଏବଂ ଡିସି ପଟ୍ଟା ପ୍ରଦାନ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନ ଥିବା ଆଦି ପ୍ରସଙ୍ଗ କମିଶନ ଆଗରେ ଉପସ୍ଥାପିତ ହୋଇଥିଲା । ଏକ୍ସପର୍ଟ କମିଟି ଗଠନ କରାଯାଇ କ୍ଷତିପୂରଣ, ଥାଇଥାନ ଆଦି ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବା ଦିଗରେ ସରକାର ଅବହେଳା କରିଛନ୍ତି । କମିଶନ ଏସବୁ ତଥ୍ୟର ତର୍ଜମା କରିବା ସହ ସରକାର ନେଇଥିବା ପଦକ୍ଷେପର ସମୀକ୍ଷା ପରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗତ ଅପ୍ରେଲ ମାସରେ ନିର୍ଦ୍ଦେଶ ଦେଇଛନ୍ତି । ଯଦି ରାଜ୍ୟ ସରକାର ଏହି ଆଦେଶନାମା ପାଳନ ଦିଗରେ ଅବହେଳା - କରନ୍ତି ତାହେଲେ ଉପଯୁକ୍ତ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ପାରିବେ ବୋଲି ରାୟରେ ଦର୍ଶାଉଛନ୍ତି । ଏବେ ଏହି ଆଦେଶନାମାର ପାଳନ ପ୍ରତି- ସରକାର କେତେ ଆନ୍ତରିକତା ପ୍ରଦର୍ଶନ କରୁ ଛନ୍ତି ତାହାକୁ ଅପେକ୍ଷା ରହିଛି ।



## ଗାନ୍ଧୀ-ସମ୍ପ୍ରଦାୟ ବୋଲି କିଛି ନାହିଁ

**ମହାତ୍ମା ଗାନ୍ଧୀ**

ମୁଁ ଆପଣାଙ୍କୁ ଭାରତର ଏବଂ ସମଗ୍ର ମାନବଜାତିର ଜଣେ ବିନୀତ ସେବକ ବୋଲି ଦାବି କରୁଛି ଏବଂ ଏହିପରି ସେବା କରୁ କରୁ ମୃତ୍ୟୁ ବରଣ କରିବା ହିଁ ମୋ'ର ଶେଷ ଅଭିଳାଷ ହୋଇ ରହିଛି । କୌଣସି ସମ୍ପ୍ରଦାୟର ସ୍ଥାପନା ଲାଗି ମୋ'ର ଆକାଂକ୍ଷା ନାହିଁ । ମୋ' ପଛକୁ ମୋ'ର ଗୋଟାଏ ସମ୍ପ୍ରଦାୟ ରହିବ ଏବଂ ସେଥିରେ ମୁଁ ସନ୍ତୋଷ ଅନୁଭବ କରିବି, ମୋ ଭିତରେ ରହିଥିବା ଆକାଂକ୍ଷାଟି ତା'ଠାରୁ ପ୍ରକୃତରେ ଅନେକ ଅଧିକ । କାରଣ, ମୁଁ କୌଣସି ନୂତନ ସତ୍ୟର ପ୍ରତିନିଧି କରୁନାହିଁ । ପରମ ସତ୍ୟକୁ ମୁଁ ଯେପରିଭାବରେ ଜାଣିଛି, କେବଳ ତାହାରି ଅନୁଗମନ ଓ ପ୍ରତିନିଧିତ୍ୱ କରିବା ଲାଗି ଚେଷ୍ଟା କରୁଛି । ଅନେକ ପୁରାତନ ସତ୍ୟ ଉପରେ ମୁଁ ନୂତନ ଆଲୋକପାତ ମଧ୍ୟ କରାଇ ପାରିଛି ବୋଲି ଦାବି କରୁଛି । ମୁଁ କୌଣସି ନୂତନ ସିଦ୍ଧାନ୍ତର ଉପସ୍ଥାପନା କରିନାହିଁ, ମାତ୍ର କେବଳ ପୁରାତନ ସିଦ୍ଧାନ୍ତଗୁଡ଼ିକୁ ହିଁ ପୁନର୍ବାର କହିବାକୁ ଚେଷ୍ଟା କରିଛି ।

ଗାନ୍ଧିବାଦ ବୋଲି କୌଣସି ବସ୍ତୁ ଆଦୌ ନାହିଁ । ମୋ ନାମରେ ମୁଁ କୌଣସି ସମ୍ପ୍ରଦାୟ ସ୍ଥାପନା କରି ଯିବାକୁ ଆଦୌ ଇଚ୍ଛା କରୁନାହିଁ । କୌଣସି ନୂତନ ସିଦ୍ଧାନ୍ତ ବା ତତ୍ତ୍ୱକୁ ମୁଁ ଜନ୍ମ ଦେଇଛି ବୋଲି ଆଦୌ ଦାବି କରୁନାହିଁ । ମୁଁ କେବଳ ଆପଣା ରୀତିରେ ଶାଶ୍ୱତ ସତ୍ୟଗୁଡ଼ିକୁ ଆମର ଦୈନନ୍ଦିନ ଜୀବନ ତଥା ସମସ୍ୟାଗୁଡ଼ିକର କ୍ଷେତ୍ରରେ ପ୍ରୟୋଗ କରିବାପାଇଁ ଚେଷ୍ଟା କରିଛି ।

ପୃଥିବୀକୁ ଶିକ୍ଷା ଦେବାଲାଗି ମୋ' ପାଖରେ ଆଦୌ ନୂଆ କିଛି ନାହିଁ । ଏହି ପର୍ବତମାନେ ଯେତିକି ପୁରାତନ, ସତ୍ୟ ଓ ଅହିଂସା ମଧ୍ୟ ସେତିକି ପୁରାତନ । ମୁଁ କେବଳ ଏହି ଦୁଇଟିଯାକ ସତ୍ୟକୁ ନେଇ ମୋ'ର ଯଥାଶକ୍ତି ଏକ ବୃହତ କ୍ଷେତ୍ରରେ ପ୍ରୟୋଗମାନ କରିବାକୁ ହିଁ ଉଦ୍ୟମ କରିଛି । ଏହିପରି କରିବାର କ୍ଷେତ୍ରରେ ମୁଁ ବେଳେ ବେଳେ ଭୁଲ ବି କରିଛି ଓ ସେହି ଭୁଲ ଗୁଡ଼ିକରୁ ମଧ୍ୟ ଶିଖିଛି । ଏହିପରିଭାବରେ ଜୀବନ ଓ ଏହାର ସମସ୍ୟାଗୁଡ଼ିକ ମୋ' ଲାଗି କ୍ରମେ ସତ୍ୟ ଓ ଅହିଂସାକୁ ଅଭ୍ୟାସ କରିବାର କ୍ଷେତ୍ରରେ ଏତେଗୁଡ଼ିଏ ପ୍ରୟୋଗରେ ପରିଣତ ହୋଇ ଯାଇଛନ୍ତି ।

ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ମୁଁ ସତ୍ୟରେ ନିଷ୍ଠା ରଖିଛି, ମାତ୍ର ଅହିଂସା କ୍ଷେତ୍ରରେ ତାହା ହୋଇପାରିନାହିଁ । ଜଣେ ଜୈନ ମୁନି ଏକଦା ଯେପରି କହିଥିଲେ, ମୁଁ ଯେଉଁ ପରିମାଣରେ ସତ୍ୟର ଉପାସକ ହୋଇ ପାରିଛି, ସେତେ ପରିମାଣରେ ଅହିଂସାର ଉପାସକ ହୋଇ ପାରିନାହିଁ ଏବଂ ମୁଁ ସତ୍ୟକୁ ପ୍ରଥମ ସ୍ଥାନରେ ରଖିଛି ଓ ଅହିଂସାକୁ ଦ୍ୱିତୀୟ ସ୍ଥାନ ଦେଇଛି, କାରଣ, ତାଙ୍କରି କଥାରେ କହିଲେ, ସତ୍ୟପାଇଁ ଅହିଂସାକୁ ବଳି ଦେବାପାଇଁ ମୋ'ଠାରେ ଏକ ସାମର୍ଥ୍ୟ ରହିଛି । ସତକଥା କହିବାକୁ ଗଲେ, ସତ୍ୟର ଅନ୍ୱେଷଣ ପଥରେ ଯାଉ ଯାଉ ହିଁ ମୁଁ ଅହିଂସାକୁ ଆବିଷ୍କାର କରିଛି ।

ଗାନ୍ଧିବାଦୀ ରଙ୍ଗ କହିଲେ ପ୍ରକୃତରେ କ'ଣ ବୁଝାଏ, ସେକଥା ମୋତେ ମଧ୍ୟ ଜଣାନାହିଁ । ମୁଁ ତ ଏପରି ଏକ ସାଗରରେ ନୌକା ବାହି ଯାଉଛି, ଯାହାର ଆଗରୁ କୌଣସି ନକ୍ସା ବା ମାନଚିତ୍ର ବି ତିଆରି ହୋଇନାହିଁ । ତେଣୁ ମୋତେ ବାରମ୍ବାର ସେହି ସମୁଦ୍ରର ଗଭୀରତାକୁ ମଧ୍ୟ ମାପିବାକୁ ପଡ଼ୁଛି ।

ଆମେ ଗାନ୍ଧିବାଦୀ ବୋଲି ନିଜକୁ ଅଭିହିତ କରିବାର କୌଣସି ମୂଲ୍ୟ ନାହିଁ । ସେପରି ନକହି ନଜକୁ ଅହିଂସାବାଦୀ ବୋଲି କାହିଁକି କୁହା ନ ଯିବ ? କାରଣ ଗାନ୍ଧୀ ଭିତରେ ଭଲ ଓ ମନ୍ଦ, ଦୁର୍ବଳତା ଓ ଶକ୍ତି, ହିଂସା ଓ ଅହିଂସା ମିଶାମିଶି ହୋଇ ରହିଛନ୍ତି ; ମାତ୍ର ଅହିଂସାରେ କୌଣସି ବି ମିଶ୍ରଣ ନାହିଁ ।

ଯାହାକୁ ଗାନ୍ଧିବାଦୀ ଆଦର୍ଶ ବୋଲି କୁହାଯାଉଛି ଓ ତାହାକୁ କିପରି ଭାବରେ ପ୍ରଚାର କରାଯିବ, ବର୍ତ୍ତମାନ ମୁଁ ସେହି ବିଷୟରେ କହିବାକୁ ଯାଉଛି । ବହିଗୁଡ଼ିକୁ ମାଧ୍ୟମରୂପେ ବ୍ୟବହାର କରିବା ଅପେକ୍ଷା ସତ୍ୟ ଓ ଅହିଂସାକୁ ନିଜ ଜୀବନରେ ପ୍ରକୃତରେ ବଞ୍ଚିବାଦ୍ୱାରା ହିଁ ସେହି ସିଦ୍ଧାନ୍ତ ଦୁଇଟିର ଅଧିକ ଭଲ ପ୍ରଚାର କରାଯାଇ ପାରିବ । ପ୍ରକୃତରେ ନିଷ୍ଠାର ସହିତ ବଞ୍ଚୁଥିବା ଏକ ଜୀବନ ଗ୍ରନ୍ଥଗୁଡ଼ିକର ତୁଳନାରେ ଅନେକ ଅଧିକ ଉପାଦେୟ ହେବ ।


ମୋ'ର ଯାବତୀୟ ପରାମର୍ଶ ସମ୍ବନ୍ଧରେ ସବୁବେଳେ ଏକ ଉଦ୍ଧାରକାରୀ ଅନୁବାକ୍ୟ ମଧ୍ୟ ରହିଥାଏ । ଜଣେ ମନୁଷ୍ୟର ମସ୍ତିଷ୍କ ଏବଂ ହୃଦୟଲାଗି ଗ୍ରହଣୀୟ ନହେବା ପର୍ଯ୍ୟନ୍ତ ସେ ଏହାକୁ ଅନୁସରଣ କରିବାର କୌଣସି ପ୍ରୟୋଜନ ନାହିଁ । ଯିଏ ପ୍ରକୃତରେ ଭିତରୁ ଏଥିଲାଗି କୌଣସି ନିର୍ଦ୍ଦେଶ ପାଇଛି, ମୁଁ ଏପରି ପରାମର୍ଶ ଦେଉଛି ବୋଲି ସେହି ବ୍ୟକ୍ତିକୁ ଏହି ପଥରେ ଯିବାରୁ ଆଦୌ ନିବୃତ୍ତ କରିବା ଉଚିତ ହେବନାହିଁ । ଅର୍ଥାତ, ଯେଉଁମାନେ ନିଜ ଭିତରୁ କୌଣସି ଡାକରା ପାଇବା ବିଷୟରେ ସଚେତନ ହୋଇନାହାନ୍ତି ଏବଂ ମୋ'ର ପରିପକ୍ୱ ଅନୁଭବ ତଥା ବିଚାରର ନିର୍ଭୁଲତା ବିଷୟରେ ଯେଉଁମାନଙ୍କର ବିଶ୍ୱାସ ରହିଛି, ଏହା କେବଳ ସେହିମାନଙ୍କ ଲାଗି ପ୍ରଯୁଜ୍ୟ ହେବ । ଯଦି ଗାନ୍ଧିବାଦ ଭୁଲର ପ୍ରତିନିଧିତ୍ୱ କରୁଥାଏ, ତେବେ ତା'ର ଧ୍ୱଂସ ହୋଇଯାଉ, ସତ୍ୟ ଏବଂ ଅହିଂସାର କଦାପି ଧ୍ୱଂସ ହେବନାହିଁ । ମାତ୍ର, ଯଦି ଗାନ୍ଧିବାଦ ସମ୍ପ୍ରଦାୟର କେବଳ ଏକ ଅନ୍ୟ ନାମ ହୋଇଯାଏ, ତେବେ ତାହାର କେବଳ ଧ୍ୱଂସ ହିଁ ହୋଇଯିବା ଉଚିତ, ମୁଁ ଯାହାର ପ୍ରତିନିଧିତ୍ୱ କରୁଥିଲି, ମୋ'ର ମୃତ୍ୟୁ ପରେ ତାହା ଏକ ସମ୍ପ୍ରଦାୟରେ ପରିଣତ ହୋଇଛି ବୋଲି ଯଦି ମୁଁ ଜାଣିବାକୁ ପାଇବି, ତେବେ ତାଦ୍ୱାରା ମୁଁ ଅତ୍ୟନ୍ତ ଗଭୀର ଦୁଃଖ ଅନୁଭବ କରିବି ।

ସିଏ ଗାନ୍ଧୀର ମାର୍ଗକୁ ଅନୁସରଣ କରୁଛି ବୋଲି ଆଦୌ କେହି ନକହୁ । ମୁଁ କେବଳ ମୋ'ର ଅନୁଗାମୀ ହୋଇ ରହିଥିବି, ତାହାହିଁ ଯଥେଷ୍ଟ, ମୁଁ ଯେ କେତେ ଅପୂର୍ଣ୍ଣ ଓ ଅଯଥେଷ୍ଟଭାବରେ ଏହି ମାର୍ଗରେ ଯାଉଛି, ମୁଁ ସ୍ୱୟଂ ସେକଥା ଜାଣିଛି ; କାରଣ ମୁଁ ପ୍ରତିନିଧିତ୍ୱ କରୁଥିବା ସତ୍ୟଗୁଡ଼ିକୁ ନିଜେ ପ୍ରକୃତରେ ଅନୁରୂପଭାବରେ ବଞ୍ଚିପାରୁ ନାହିଁ । ଆପଣମାନେ କେହି ମୋ'ର ଅନୁଗାମୀ ନୁହନ୍ତି ; ଆପଣମାନେ ହେଉଛନ୍ତି ସହାଧ୍ୟାୟୀ, ସହଯାତ୍ରୀ, ସହାନ୍ୱେଷୀ ଏବଂ ସହକର୍ମୀ ।

ଯଦି ଗାନ୍ଧିବାଦୀ ବୋଲି କେହି ଜଣେ ଅଛି, ସିଏ ହେଉଛି ଏକା ମୁଁ । ଅବଶ୍ୟ ମୁଁ ଆଶା କରୁଛି ଯେ, ଏପରି ଗୋଟିଏ ମିଥ୍ୟା ବିବାଦ ନକରିବା ନିମନ୍ତେ ମୋ' ଭିତରେ ଯଥେଷ୍ଟ ନମ୍ରତା ରହିଛି । ଗାନ୍ଧିବାଦୀର ଅର୍ଥ ହେଉଛି ଗାନ୍ଧୀର ଉପାସକ । ଉପାସନା କରିବାପାଇଁ ତ ଜଣେ ଈଶ୍ୱର ରହିଥିବା ଅତ୍ୟନ୍ତ ଆବଶ୍ୟକ । ମାତ୍ର, ମୁଁ ନିଜଲାଗି କେବେହେଲେ ଏପରି ଏକ ଦାବି କରିନାହିଁ । ତେଣୁ ମୋ'ର କେହି ଉପାସକ ରହିଥିବାର କୌଣସି ପ୍ରଶ୍ନ ହିଁ ଉଠୁନାହିଁ ।

ଭାରତବର୍ଷର ସମ୍ମୁଖରେ ମୁଁ ଆତ୍ମୋତ୍ସର୍ଗର ସେହି ପୁରାତନ ବିଧାନଟିକୁ ଆଣି ରଖି ସାହସ କରିଛି, କାରଣ ସତ୍ୟାଗ୍ରହ ଏବଂ ତାହାର ଦୁଇ ପ୍ରଶାଖା ସ୍ୱରୂପ ଅସହଯୋଗ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ଏଗୁଡ଼ିକ କଷ୍ଟବରଣ କରିବାର ସେହି ବିଧାନର କେତୋଟି ନୂଆ ନାମ ବ୍ୟତିତ ଆଉ କିଛି ନୁହେଁ । ଯେଉଁ ଋଷିମାନେ ହିଂସା ମଧ୍ୟରେ ଥାଇ ଅହିଂସାରୂପକ ବିଧାନର ଆବିଷ୍କାର କରିଥିଲେ, ସେମାନେ ସ୍ୱ ପ୍ରତିଭାରେ ନିଉଟନଙ୍କ ଠାରୁ ଅଧିକ ଉଚ୍ଚରେ ଥିଲେ । ସେମାନେ ସ୍ୱୟଂ ୱେଲିଂଟନଙ୍କ ଠାରୁ ଅଧିକ ବଡ଼ ଯୋଦ୍ଧା ଥିଲେ । ସେମାନେ ନିଜେ ଅସ୍ତ୍ରଶସ୍ତ୍ରର ବ୍ୟବହାର ଜାଣିଥିଲେ ମଧ୍ୟ ତାହାର ନିରର୍ଥକତାକୁ ଉପଲବ୍ଧି କରିଥିଲେ ଏବଂ, ପୃଥିବୀର ମୁକ୍ତି ହିଂସାରେ ନୁହେଁ, ମାତ୍ର ଅହିଂସାରେ ହିଁ ନିହିତ ହୋଇ ରହିଛି ବୋଲି ଏକ କ୍ଲାନ୍ତଜଗତକୁ ଶିକ୍ଷା ଦେଇଥିଲେ । ଆପଣାର ଗତିଶୀଳ ସ୍ଥିତିରେ ଅହିଂସା ଅଚେତନଭାବରେ କଷ୍ଟ ବରଣ କରିବାକୁ ବୁଝାଇଥାଏ, ଏହା କଦାପି ଅନିଷ୍ଟକାରୀର ଇଚ୍ଛା ପାଖରେ ଦୁର୍ବଳଭାବରେ ପରାଜୟ ସ୍ୱୀକାର କରିବାକୁ ବୁଝାଏ ନାହିଁ, ଏହା ଉତ୍ପୀଡ଼ନକାରୀର ଇଚ୍ଛା ସମ୍ମୁଖରେ ଆପଣାର ସମଗ୍ର ଆତ୍ମାକୁ ନେଇ ଉପସ୍ଥାପିତ କରିବାକୁ ବୁଝାଇଥାଏ । ଆମ ସତ୍ତାର ଏହି ବିଧାନଟି ଅନୁସାରେ କାର୍ଯ୍ୟ କରି ଜଣେ ମାତ୍ର ବ୍ୟକ୍ତି ପକ୍ଷରେ ମଧ୍ୟ ଆପଣାର ସମ୍ମାନ, ଧର୍ମ ତଥା ଆତ୍ମାର ରକ୍ଷା ନିମନ୍ତେ ଅନ୍ୟାୟ ଉପରେ ପ୍ରତିଷ୍ଠିତ ହୋଇ ରହିଥିବା ଏକ ସମଗ୍ର ସାମ୍ରାଜ୍ୟର ସମୁଦାୟ ଶକ୍ତିକୁ ଅମାନ୍ୟ କରିବା ସମ୍ଭବ ହୋଇପାରେ । ଏହିପରି କରି ସେହି ସାମ୍ରାଜ୍ୟର ପତନ ଅଥବା ପୁନରୁଜ୍ଜୀବନ ନିମନ୍ତେ ଏକ ମୂଳଦୁଆ ପକାଇବା ମଧ୍ୟ ସମ୍ଭବ ହୋଇପାରେ ।

## ଚର୍ବି ପରିମାଣ କମାଏ ସଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ସଜନା ଶାଗ । ଏଥିରେ କ୍ୟାଲସିୟମ୍, ପଟାସିୟମ୍, ଆଇରନ୍ ସମେତ ଭିଟାମିନ୍ - ଏ, 'ସି' ଏବଂ 'ଇ' ଭରି ରହିଛି । ସଜନା ଶାଗ ରକ୍ତରେ ଏବଂ ପରିସ୍ରାରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ନିୟମିତ ସଜନା ଶାଗ ଖାଇଲେ ତାହା ଶରୀରରେ ଚର୍ବି ପରିମାଣକୁ କମାଇଥାଏ । ଲିଭର୍ ସେଲ୍‌କୁ ନଷ୍ଟ ହେବାରୁ ରକ୍ଷା କରିଥାଏ ସଜନା ଶାଗ । ଏଥିରେ ଫସ୍‌ଫରସ୍ ଓ କ୍ୟାଲସିୟମ୍ ଅଧିକ ପରିମାଣରେ ଭରି ରହିଛି । ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜବୁତ କରିଥାଏ । ଆଣ୍ଠୁ, ଗଣ୍ଠି ବାତ ସମସ୍ୟାରୁ କେତେକାଂଶରେ ମଧ୍ୟ ରକ୍ଷା କରିଥାଏ । ମେଦବହୁଳତା ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ସଜନା ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି, ଯାହା କେଶମୂଳକୁ ଦୃଢ଼ କରିଥାଏ । ଏଥିରେ ଭିଟାମିନ ଓ ମିନେରାଲ୍ସ ମଧ୍ୟ ରହିଛି । ଏହାକୁ ଖାଇଲେ ତାହା ପାଚନ କ୍ରିୟାକୁ ଦୃଢ଼ କରିଥାଏ । ଦୃଷ୍ଟିଶକ୍ତି ପାଇଁ ସଜନା ଶାଗ ବେଶ୍ ଉପକାରୀ । କେବଳ ସେତିକି ନୁହେଁ, ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ ।

## ସ୍ୱର୍ବେଦ

**ସାରଶବ୍ଦ କା ଜାପ ନହୀଁ, ୱାଣୀ ୱିଷୟ ନ ହୋୟ ।**
**ୟହ ତୋ ଅଦ୍‌ଭୁତ ଖେଲ ହୈ, ଦେଖ ଜ୍ଞାନ ଗମ ସୋୟ ।।୦୬।।**


ଭାଷ୍ୟ - ସାରଶବ୍ଦଙ୍କୁ ଜପ କରି ହୁଏନାହିଁ, କାହିଁକି ନା ସେ ବାଣୀର ବିଷୟ ନୁହନ୍ତି । ଏହା ତ ଯୋଗର ଆଶ୍ଚର୍ଯ୍ୟମୟୀ କ୍ରୀଡ଼ା ଅଟେ, ଯାହା ଜ୍ଞାନ ଦ୍ୱାରା ଅନୁଭବରେ ଆତ୍ମାକୁ ପ୍ରତ୍ୟକ୍ଷ ହୋଇଥାଏ ।

**ଜ୍ଞାନ ଚକ୍ଷୁ ସେ ଦେଖିୟେ, ସାରଶବ୍ଦ କା ରୂପ ।**
**ଅନ୍ତର ମେଁ ଅନ୍ତର ଧସୋ, ପାୱୋ ଶବ୍ଦ ଅନୂପ ।।୦୭।।**

ଭାଷ୍ୟ - ଯୋଗ ବିଜ୍ଞାନର ଚେତନ ଦୃଷ୍ଟିରେ ଅନ୍ତରତମ ପ୍ରଦେଶକୁ ପ୍ରବେଶ କରି ଅନୁପମ ସାରଶବ୍ଦଙ୍କର ସ୍ୱରୂପକୁ ଦେଖନ୍ତୁ ଆଉ ସେହି ଅନୁପମ ଶବ୍ଦକୁ ପ୍ରାପ୍ତ କରନ୍ତୁ ।

**ସାରଶବ୍ଦ ଚେତନ ଗର୍ଜୈ, ସଚ୍ଚିଦାନନ୍ଦ ସ୍ୱରୂପ ।**
**ଜ୍ୟୋତିୟ ଶବ୍ଦ ଅଧାର ମେଁ, ଶବ୍ଦ ପ୍ରକାଶ ସ୍ୱରୂପ ।।୦୮।।**

ଭାଷ୍ୟ - ସାରଶବ୍ଦ ଚେତନ ସଚ୍ଚିଦାନନ୍ଦସ୍ୱରୂପ ପ୍ରକାଶିତ ଅଟନ୍ତି । ଜ୍ୟୋତି ଶବ୍ଦର ଆଧାରରେ ହୋଇଥାଏ ମାତ୍ର ଏହି




ସଚ୍ଚିଦାନନ୍ଦସ୍ୱରୂପ ସାରଶବ୍ଦ ସ୍ୱୟଂ ଶବ୍ଦ ପ୍ରକାଶସ୍ୱରୂପ ଅଟନ୍ତି ।

**ରହ ପ୍ରକାଶ କ୍ଷର ଶବ୍ଦ ଭୀ, ଶବ୍ଦ ମେଁ ଶାବ୍ଦିକ ଜ୍ଞାନ ।**
**ତବ ନିଃଅକ୍ଷର କୀ କଥା, ସବ ଜ୍ଞାନୋଁ କା ଜ୍ଞାନ ।।୦୯।।**

ଭାଷ୍ୟ - କ୍ଷର ଶବ୍ଦରେ ତାଙ୍କର ପ୍ରକାଶ ରହିଥାଏ ଅର୍ଥାତ୍ ଶବ୍ଦରେ ତାଙ୍କର ତାତ୍ତ୍ୱିକ ଜ୍ଞାନ ରହିଥାଏ ଏବଂ ଶବ୍ଦରେ ତାଙ୍କର ଭାବ ତଥା ଜ୍ଞାନର ପ୍ରକାଶ ରହିଥାଏ । ତେବେ ସମସ୍ତ ଜ୍ଞାନର ଆଧାର ସାରଶବ୍ଦଙ୍କର କଥା ହିଁ ସ୍ୱୟଂ ସଚ୍ଚିଦାନନ୍ଦ ଶବ୍ଦ ପ୍ରକାଶସ୍ୱରୂପ ଅଟେ ।

**ସହସ୍ର ଶବ୍ଦ ମନ ମେଁ ରହେ, କିସ ସ୍ୱର ମେଁ ଇନ ଜ୍ଞାନ ।**
**ସହସ କୋଶ ପରକାଶ ହୈ, ୟୋଗୀ ଶବ୍ଦ ମହାନ ।।୧୦।।**

ଭାଷ୍ୟ - ହଜାର ହଜାର ଶବ୍ଦ ମନରେ ରହିଥାନ୍ତି ଓ ମହାନ୍ ଯୋଗୀ ହଜାର କୋସ ପର୍ଯ୍ୟନ୍ତ ନିଜର ଶବ୍ଦକୁ ପ୍ରେରଣ କରିଥାନ୍ତି ଏବଂ ତାହାର ପ୍ରକାଶ ହୋଇଥାଏ । ସେ କେଉଁ ସ୍ୱରରେ ନିଜର ଶବ୍ଦକୁ ପ୍ରେରଣ କରନ୍ତି, ଯାହାର ଜ୍ଞାନ ଅନ୍ୟମାନଙ୍କୁ ହୋଇଥାଏ ।

**ଶବ୍ଦ ୱାୟୁ ନିଷ୍ପନ୍ଦ ହୈ, କିସ ସ୍ୱର ମେଁ ସଂଚାର ।**
**ଅନହଦ ନୌବତ ବାଜତୀ, କିସ ସ୍ୱର ରାଗ ୱିଚାର ।।୧୧।।**

ଭାଷ୍ୟ - ବାୟୁ ନିସ୍ପନ୍ଦ ହେବା ପରେ ଯେଉଁ ଶବ୍ଦ ହୋଇଥାଏ ତାହା କେଉଁ ସ୍ୱରରେ ହୋଇଥାଏ ଏବଂ ବ୍ରହ୍ମାଣ୍ଡରେ ଯେଉଁ ଅନହଦର ନୌବତ ବାଜିଥାଏ, ତାହା କେଉଁ ସ୍ୱର ଏବଂ ରାଗରେ ହୋଇଥାଏ ଏହାର ବିଚାର କରନ୍ତୁ । ଏହି ପ୍ରକାର ଶବ୍ଦ ପ୍ରକଟିତ ହେବାର ଅନେକ ଭେଦ ରହିଛି, ଏହାର ନିର୍ଣ୍ଣୟ ଯୋଗୀ ହିଁ କରି ପାରିବେ ଏବଂ ସେମାନଙ୍କ ନିକଟରେ ଏହି ଶବ୍ଦଗୁଡ଼ିକର ଜ୍ଞାନ ରହିଛି ।

**ମୁକ୍ତ ୱିଦେହୀ ଆତମା, ଆପସ କର ବ୍ୟୱହାର ।**
**କିସ ସ୍ୱର ମେଁ ୱେ ଶବ୍ଦ ହୈଁ, କର କୁତର୍କ ୱଦ ସାର ।।୧୨।।**

ଭାଷ୍ୟ - ବିଦେହମୁକ୍ତ ଆତ୍ମା ପରସ୍ପରର ବ୍ୟବହାରରେ କେଉଁ ସ୍ୱରରେ ନିଜର ଭାବକୁ ପ୍ରକଟ କରିଥାନ୍ତି, ସେହି ଶବ୍ଦ କେମିତି ଏବଂ କେଉଁ ସ୍ୱରରେ ହୋଇଥାଏ, ଯେତେବେଳେ ଏମାନଙ୍କର ସମାଧାନ ନାହିଁ, ସେତେବେଳେ ଠିକ୍ ଏହି ରୂପରେ ମନ, ବୁଦ୍ଧି, ଇନ୍ଦ୍ରିୟ ଅଗୋଚର କ୍ଷର ଅକ୍ଷରପାର ନିଃଶବ୍ଦ, ପରମ ଅକ୍ଷର, ସାରଶବ୍ଦ ଅଟେ, ଏଥିରେ ତର୍କ ବିତର୍କ କରିବାର କଣ ଅଛି ?

**ବୈଖରୀ ୱାଣୀ ତ୍ୟାଗ କର, ପରା ଆଦି ଜୋ ଶବ୍ଦ ।**
**ୱେ କିନ ସ୍ୱର ମେଁ ହୋତ ହୈଁ, କହିୟେ ୱିଦ୍ୱନ ଶବ୍ଦ ।।୧୩।।**

ଭାଷ୍ୟ - ମୁହଁରୁ ଉଚ୍ଚାରିତ ବାଣୀ ଦନ୍ତ, ଓଷ୍ଠ ଏବଂ କଣ୍ଠ ଦ୍ୱାରା ହୋଇଥାଏ, ଏହାକୁ ଛାଡ଼ି ପରା, ପଶ୍ୟନ୍ତି ଏବଂ ମଧ୍ୟମା ଦ୍ୱାରା ଯେଉଁ ଶବ୍ଦ ପ୍ରକଟ ହୋଇଥାନ୍ତି, ସେସବୁ କେଉଁ ସ୍ୱରରେ ହୋଇଥାନ୍ତି ? ସେହି ଶବ୍ଦଗୁଡ଼ିକ ବିଷୟରେ ବିଦ୍ୱାନ୍‌ମାନେ କୁହନ୍ତୁ ।

## ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାରେ ଉତ୍ତମ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ୟପକ୍ଷରେ କେତେକ କାରଣରରୁ ଅନେକ ଡିପ୍ରେସନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଏଭଳି କେତେକ ସରଳ ଉପାୟ ରହିଛି ଯାହାକୁ ଆପଣେଇ ପାରିଲେ ଆମେ ନିଜକୁ ଡିପ୍ରେସନଠାରୁ କେତେକାଂଶରେ ଦୂରେଇ ରଖିପାରିବା । ପ୍ରଥମ କଥା ହେଲା, ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ । ଚାପର ବଶବର୍ତ୍ତୀ ଯେତେ କମ୍ ହେବେ ତାହା ସେତେ ଭଲ । ଯଦି କୌଣସି କାମ କରିବା ସମୟରେ ଚାପର ସମ୍ମୁଖୀନ ହେଉଛନ୍ତି, ତେବେ ସେଥିରୁ କିପରି ଦୂରେଇ ରହିବେ ସେ ନେଇ ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରନ୍ତୁ । ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ । କାରଣ ଏହାଦ୍ୱାରା ଆମର ମାନସିକତା ସକରାତ୍ମକ ରହିଥାଏ । ନିଜର ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ନଜର ଦିଅନ୍ତୁ । ଚିଡିଚିଡା ଗୁଣ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ । ନିକଟରେ ଡିପ୍ରେସନଠାରୁ ଜଣେ କିପରି ନିଜକୁ ଦୂରେଇ ରଖିପାରିବେ ସେ ନେଇ ଟୋକିଓ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା । ଏଥିରୁ ଜଣାପଡିଥିଲା ଯେ, ଯେଉଁମାନେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରୁଛନ୍ତି ସେମାନେ ନିଜକୁ ଡିପ୍ରେସନ ଭଳି ଗୁରୁତର ସମସ୍ୟଠାରୁ ଅନେକାଂଶରେ ଦୂରେଇ ରଖିପାରୁଛନ୍ତି । ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଅଭିଜ୍ଞ ମନସ୍ତତ୍ତ୍ୱବିତ୍‌ଙ୍କ ସହ ଆଲୋଚନା କରନ୍ତୁ ।

## ଦୈବୀ ଗୁଣର ମହାନତା

### ଗୋପୀନାଥ ଷଡ଼ଙ୍ଗୀ

ଏ ସଂସାରରେ ଗୁଣର ଲୀଳା ଖେଳା ଚାଲିଛି । ଆମେ ସମସ୍ତେ ତ୍ରିଗୁଣ ରଜ୍ଜୁରେ ବନ୍ଧା । ତାହା ହେଲା ଭଲ ଗୁଣ, ଭଲ- ଖରାପ ମିଶ୍ରିତ ରଜ ଗୁଣ ଓ ଖରାପ ଗୁଣ । ଭଲ ଗୁଣ ସମ୍ପନ୍ନ ବ୍ୟକ୍ତିଙ୍କୁ ଦେବତା, ଖରାପ ଗୁଣ ସମ୍ପନ୍ନ ବ୍ୟକ୍ତିଙ୍କୁ ରାକ୍ଷସ ଏବଂ ରଜଗୁଣ ସମ୍ପନ୍ନ ବ୍ୟକ୍ତିଙ୍କୁ ମନୁଷ୍ୟ କହନ୍ତି । ଭଲଗୁଣ କହିଲେ ସତ୍ୟକୁ ବୁଝାଏ । ସତ୍ୟ ସବୁଠାରେ ବିଦ୍ୟମାନ । ଆମେ ଅଜାଣତରେ ହେଉ ବା ଜ୍ଞାତରେ ହେଉ ଅହରହ ସତ୍ୟ ପାଳନ କରୁଛୁଁ । ଚୋର ଦଳର ଦଳପତି ମଧ ନିଜ ଦଳର ସୁରକ୍ଷା ପାଇଁ ଚୋରୀ କରିଥିବା ଅର୍ଥକୁ ସଦସ୍ୟମାନଙ୍କ ମଧରେ ସମାନ ଭାବେ ବଣ୍ଟନ କରି ସତ୍ୟର ପାଳନ କରିଥାଏ । କିନ୍ତୁ ଯେତେବେଳେ ସେ ଜାଣିଯିବ ଚୋରୀ କରିବା ପାପ ଅଟେ ତେବେ ସେ ଆପେ ଆପେ ଚୋରୀ କାମ ଛାଡି ଦେବ । ଆମେ ସମସ୍ତେ ଦୈବୀ ଗୁଣର ବଳୟ ମଧରେ ଅଛୁଁ । କିନ୍ତୁ ପୂର୍ଣ୍ଣ ଭାବରେ ଆମେ ଦୈବୀ ଗୁଣ ପାଳନ କରୁ ନ ଥିବାରୁ ଦୁଃଖୀ, କଷ୍ଟ ପାଇବାକୁ ବାଧ । ଭଗବାନଙ୍କ ମହାନତା ଯେ, ସବୁବେଳେ ଚିନ୍ତା କରୁଥିବ ସେ ନିଶ୍ଚିତ ଭାବରେ ଭଗବତ୍ ସାନ୍ନିଧ ଲାଭ କରିବ । ଭଗବାନ ବା ଗୁରୁ ଦେବ କହନ୍ତି 'ତୁମର ସୁଖ, ଶାନ୍ତି, ମୁକ୍ତି ପାଇଁ ମୁଁ ସବୁ ବ୍ୟବସ୍ଥା କରି ଦେଇଥିବା ସତ୍ତ୍ୱେ ତୁମେ ସେ ଗୁଡିକ ବୁଝି ନ ପାରି ମୋ ଉପରେ ଦୋଷାରୋପ କରୁଛ । ଏଣୁ ସତ୍ୟଜ୍ଞାନ ଆହରଣ ଓ ପାଳନ ଦ୍ୱାରା ମନୁଷ୍ୟର ସମସ୍ତ ଦୁଃଖ ଦୂର ହେବ । ଦୈବୀଗୁଣ (ଭଲ ଗୁଣ'ର ମହତ୍ତ୍ୱ ଦାଗି ନିଜେ ପାଳନ କରି ସମସ୍ତଙ୍କ ଠାରେ ନିଜେ ଆଚରଣ ମାଧମରେ ପ୍ରୟୋଗ କଲେ ଏ ସୃଷ୍ଟି ସ୍ୱର୍ଗ ପାଲଟି ଯିବ । ଆମେ ଭଗବାନଙ୍କୁ ଭଲ ପାଇବା ଉଚିତ । ସମସ୍ତଙ୍କ ଠାରେ ପ୍ରେମ ଭାବ ପୋଷଣ କରିବା ଆମର କର୍ତ୍ତବ୍ୟ । ଆନନ୍ଦ ପାଇବାକୁ ହେଲେ ଅହରହ ହାସ୍ୟ ଆୟୁଧକୁ ଧାରଣ କରିବାକୁ ପଡିବ । ଭଗବାନଙ୍କୁ ମାଗିବାର ପ୍ରଶ୍ନ ଉଠୁନାହିଁ । ଆମ ଜନ୍ମ ପୂର୍ବରୁ ଭଗବାନ ଆମ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି । କର୍ମ ସଂପାଦନ ମାଧମରେ କର୍ମ ଫଳ ସ୍ୱରୂପ ଆମେ ସବୁ କିଛି ପାଇ ପାରିବା । କର୍ମ କୁଶଳତାର ଆବଶ୍ୟକତା ରହିଛି । ଦୈବୀଗୁଣ ଆଚରଣ ଦ୍ୱାରା ମନୁଷ୍ୟର ସମସ୍ତ ମୌଳିକ ଇଚ୍ଛା ପୂରଣ ହୁଏ ।

ଦୈବୀ ଗୁଣ ଆମ ଭିତରେ ଭରପୁର ହୋଇ ରହିଛି । ସମସ୍ତେ ଦୈବୀ ଗୁଣ ଆଚରଣରେ ପ୍ରକାଶ କଲେ ଏ ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଜ୍ଞାନ ଓ ଦୈବୀ ଗୁଣ ଆମର ମୂଳଧନ । ଦୈବୀ ଗୁଣ ପାଳନ ହେଉଛି ମନୁଷ୍ୟର ପରମ ଧର୍ମ ବା ସନାତନ ଧର୍ମ ।

**ନବ ପ୍ରଶାସନିକ କଲୋନୀ, ପଧାନପଡ଼ା, ବୁଢ଼ାରଜା**

## ଡାଇବେଟିସ୍ ସମସ୍ୟା ଥିଲେ

**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ । ଡାଇବେଟିସ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ଼ନି ଏପରି କି ଦୃଷ୍ଟି ଶକ୍ତି ଉପରେ ପଡିଥାଏ । ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି । ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ



କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ । ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ । ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ । ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ ବୋଲି କୁହାଯାଏ । ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ । କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର । ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

## କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଆଖୁରସ

**ଆ**ଖୁରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ଆଜିକାଲି କୋଲେଷ୍ଟରଲଜନିତ ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି ଏଥିରୁ କେତେକାଂଶରେ ଉପଶମ ପାଇବାର ଏକ ସହଜ ତଥା ସରଳ ଉପାୟ ରହିଛି । ଆଖୁରସର ଏଭଳି ଗୁଣ ରହିଛି ଯାହା କୋଲେଷ୍ଟରଲକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ । କେବଳ ସେତିକି ନୁହେଁ, ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହୁଏ । ଏଥିରେ ମଧ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି ।



ଖାସ୍ କଥା ହେଲା, ଆଖୁରସ ପିଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ । ଏଥିରେ ଥିବା ପୋଟାସିୟମ ତତ୍ତ୍ୱ ପାକସ୍ଥଳୀ ଇନ୍‌ଫେକ୍‌ଶନ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ । ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ୍ କରିବାରେ ମଧ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଥିରେ ଥିବା ଭିଟାମିନ୍-ସି ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ ଏହା ରକ୍ଷା କରିଥାଏ । ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ । ଏହାକୁ ପିଇଲେ ତାହା ଶର୍କରା ପରିମାଣ ବୃଦ୍ଧିକୁ କେତେକାଂଶରେ ରୋକିଥାଏ । ନିୟମିତ ଆଖୁ ରସ ପିଇଲେ ତାହା ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ।

## ଟିକିଏ ହସନ୍ତୁ

**ସ୍ୱାମୀ :** ମୁଁ ବିରକ୍ତ ହେଇଗଲିଣି ସବୁବେଳେ ତୁମ ବକ୍‌ବକ୍ ଶୁଣି । ଈଶ୍ୱରଙ୍କ ରାଣ ଦୟାକରି ଚୁପ୍ ହେଇଯାଅ । ମତେ ଶାନ୍ତି ସହିତ ରହିବାକୁ ଦିଅ ।
**ସ୍ତ୍ରୀ :** ମତେ ବି ତୁମ ସହିତ ରହିବାର ନାହିଁ । ମୁଁ ରମନ ସହିତ ରହିବି ।

× × ×

ଦୋକାନୀ ଜଣେ ମହିଳାଙ୍କୁ ଦୋକାନର ସବୁ କପଡ଼ା ଦେଖାଇ ଥକି ପଡିଲା ।
**ଦୋକାନୀ :** ମୁଁ ଦୁଃଖିତ ଆପଣଙ୍କୁ କୌଣସି କପଡ଼ା ପସନ୍ଦ ହେଲା ନାହିଁ ।
ମହିଳା : ବ୍ୟସ୍ତ ହୁଅନ୍ତ ନାହିଁ, ମୁଁ ତ ପରିବା କିଣିବାକୁ ଆସିଥିଲି ।

× × × × ×

**ପୁଅ :** କୁଆଡେ ଯାଉଛ ?
**ଝିଅ :** ଆତ୍ମହତ୍ୟା କରିବାକୁ ।
**ପୁଅ :** ତା'ହେଲେ ମୁହଁରେ ଏତେ ମେକଅପ୍ କାହିଁକି ବୋଳିଛ ?
**ଝିଅ :** ଆରେ ଗଧ କାଲି ପେପରରେ ମୋର ଫଟୋ ବାହାରିବ ।

× × × × ×

**ସ୍ୱାମୀ :** ତୁମେ ମୋ ଦରମାରେ ଚଳିପାରିବ ?
**ସ୍ତ୍ରୀ :** ହଁ, ମୁଁ ତ ଚଳି ପାରିବି । ହେଲେ ତୁମର କ'ଣ ହେବ ?

× × × ×



**ରାଜୁ ମଣ୍ଟୁକୁ :** ଏଇ ରସଗୋଲା ଦୋକାନ ତ ତୋ ବାପାଙ୍କର । ତୋର କେବେ ଇଚ୍ଛା ହୁଏନି ଖାଇବାକୁ ।
**ମଣ୍ଟୁ :** ଇଚ୍ଛା କାହିଁକି ହବନି । ବହୁତ ହୁଏ ।
**ରାଜୁ :** ତା'ହେଲେ ତୁ କ'ଣ କରୁ ?
**ମଣ୍ଟୁ :** ବାପା ତ ରସଗୋଲା ଗଣିକି ରଖିଥାଆନ୍ତି । ସେଥିପାଇଁ ମୁଁ ଖାଲି ରସଗୋଲାର ରସ ଚୁସିକି ତାକୁ ପୁଣି ରଖିଦିଏ ।

× × × × × ×

ଡାକ୍ତରଙ୍କ ପାଖକୁ ଗୋପୀ ଯାଇ : ଆଜ୍ଞା ମୋ ଆଖିକୁ ଭଲରେ ଦେଖା ଯାଉନି ।
ଡାକ୍ତର ପରୀକ୍ଷା କରି : ଚଷମା ଲଗାଇବାକୁ ପଡିବ ।
**ଗୋପୀ :** ଚଷମା ଲଗାଇବା ପରେ ମୁଁ ପଢି ପାରିବି ତ ?
ଡାକ୍ତର : ହଁ, କାହିଁକି ନୁହେଁ ?
**ଗୋପୀ :** ଧନ୍ୟବାଦ ଆଜ୍ଞା । ଆପଣ ଜଣେ ଅପାଠୁଆର ପଢିବା ସ୍ୱପ୍ନ ସାକାର କରିଦେଲେ ।

× × × × ×

**ରାଜେଶ ମୋହନକୁ :** ତମ ସ୍ୱାମୀସ୍ତ୍ରୀ ଭିତରେ ହୋଇଥିବା ଝଗଡାର ସମାଧାନ ହେଲା କି ନାହିଁ ?
**ମୋହନ :** ହଁ, ସେ ପରା ଆଣ୍ଠେଇକି ଚାଲି ଚାଲି ମୋ ପାଖକୁ ଆସିଲା ।
**ରାଜେଶ :** ସତ ! ଆସିକି କ'ଣ କହିଲେ ଭାଉଜ ।
**ମୋହନ :** କହିଲା, ଏବେ ତ ଖଟତଳୁ ବାହାରକୁ ବାହାର । ମୁଁ ତମକୁ ଆଉ ମାରିବନି ।

# କଖାରୁର ଉପକାରିତା

**କ**ଖାରୁ ଗଛକୁ ଲଗାଇବା ପାଇଁ ଆଦୌ ଅର୍ଥ ଖର୍ଚ୍ଚ କରିବାକୁ ପଡେ ନାହିଁ କି ବେଶୀ ପରିଶ୍ରମ ମଧ୍ୟ କରିବାକୁ ପଡି ନ ଥାଏ । ସହଜରେ ଚାଳ ବା ଭାଡି ସହାୟତାରେ ବଢ଼ିଯିବା ସହିତ ଗଛରେ କଖାରୁ ଭଲ ଫଳି ଥାଏ । ପ୍ରାୟତଃ ଏହାକୁ ଖାଇବାକୁ ପସନ୍ଦ କରୁ ନଥିଲେ ହେଁ ଏହା କିନ୍ତୁ ସ୍ୱାସ୍ଥ୍ୟକୁ ଭଲ ରଖେ । ବିଭିନ୍ନ ସମୟରେ ବିଭିନ୍ନ ପ୍ରଜାତିର କଖାରୁ ଚାଷ କରାଯାଏ । ଖରାଟିଆ, ବର୍ଷାଦିନିଆ ଓ ଶୀତଦିନିଆ କଖାରୁକୁ ୧୨ ମାସି ଚାଷ କରାଯାଇ ପାରିବ ।

କଖାରୁରେ ଭରପୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ ।

ଏଥିରେ ଭିଟାମିନ୍‌କେରୋଟିନ ମଧ୍ୟ ମିଳିଥାଏ । ଯାହାକି ଭିଟାମିନ୍ ଏ'ର ହେଉଛି ଉତ୍ତମ ସ୍ରୋତ ।

ଉତ୍ତମ ରଙ୍ଗଯୁକ୍ତ କଖାରୁରେ କେରୋଟିନ୍ ମାତ୍ରା ଅଧିକ ଥାଏ ।

ଏହା ଶରୀର ଫ୍ରି ରେଡିକଲସକୁ ନଷ୍ଟ କରିଥାଏ ।

**ଶରୀରକୁ ଥଣ୍ଡା ରଖେ:** କଖାରୁ ଶରୀରରେ ଖୁବ୍ ଥଣ୍ଡା ପହଞ୍ଚାଇ ଥାଏ ।

କଖାରୁ ଥଣ୍ଡାକୁ କାଟି ଏଥିରେ ପାଦକୁ ଗରମ ଓ ଦେହକୁ ଥଣ୍ଡା କରିବାରେ ସହାୟକ ହୋଇଥାଏ ।

ଜ୍ୱରକୁ ଦୂର କରିବା ପାଇଁ କଖାରୁ ଖୁବ୍ ଫଳପ୍ରଦ । ଏହାକୁ ଖାଇବା



ଫଳରେ ଦେହରେ ରହୁଥିବା ଟେମ୍ପେରଚର ଦୂର ହୁଏ ।

**ମନକୁ ଶାନ୍ତ କରେ:** କଖାରୁ ଖୁବ୍ ଗୁଣକାରୀ । ବିଶେଷ ତତ୍ତ୍ୱ କାରଣରୁ ଏହାକୁ ଖାଇବା ଫଳରେ ମସ୍ତିଷ୍କ ଶାନ୍ତ ରହିଥାଏ ।

**ହୃଦ୍ ରୋଗ ଦୂର କରେ:** ବିଶେଷଜ୍ଞ କହନ୍ତି କି ହୃଦରୋଗୀଙ୍କ ଲାଗି କଖାରୁ ଖୁବ୍ ଅଧିକ ଲାଭକାରୀ ।

ଏହା ଶରୀରର କୋଲେଷ୍ଟ୍ରଲ ପରିମାଣକୁ କମ୍ କରିଥାଏ ।

ଯାହା ଫଳରେ ହୃଦୟକୁ ସହଜରେ ଅକ୍ସିଜେନ ପହଞ୍ଚିଥାଏ ।

କଖାରୁ ନ୍ୟୁଟ୍ରେଶନ ଯୁକ୍ତ ହୋଇଥାଏ ।

**ମଧୁମେହ ନିୟନ୍ତ୍ରଣ:** କଖାରୁକୁ ନିୟମିତ ଖାଇବା ଫଳରେ ବ୍ଲଡ ସୁଗାର କଣ୍ଟ୍ରୋଲରେ ରହିଥାଏ ।

କଖାରୁ ଖାଇଲେ ଅଗ୍ନାଶୟ ସକ୍ରିୟ ରହେ ।

ଡାକ୍ତରଙ୍କ ମଧୁମେହ ରୋଗୀଙ୍କୁ ଖାଦ୍ୟରେ କଖାରୁକୁ ସାମିଲ କରିବାକୁ ପରାମର୍ଶ ଦେଇଥାନ୍ତି ।

**ଆଇରନ ଯୁକ୍ତ:** ବହୁ ମହିଳାଙ୍କ ଠାରେ ଆଇରନ କମ୍ ରହିଥାଏ , ତେଣୁ ମହିଳାମାନେ ୪୦ ବର୍ଷ ପରେ କମଜୋର ହୋଇ ଯାଆନ୍ତି ଓ ଆଇରନ କମ୍ ହୋଇଥାଏ । ତେଣୁ ଏହାକୁ ମହିଳାମାନେ ନିୟମିତ ଖାଇବା ଉଚିତ ।

ମହିଳାଙ୍କର ରକ୍ତହୀନତା ରୋଗ ଦୂର କରେ କଖାରୁ । ନିୟମିତ କଖାରୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ।

କଖାରୁ ମଞ୍ଜିରେ ଜିଙ୍କ୍, ପୋଟାସିୟମ୍, ଆଇରନ ଓ ମ୍ୟାଗ୍ନେସିୟମ୍ ସବୁକିଛି ମିଳିଥାଏ । କଖାରୁ ଶରୀରରେ ଫାଇବର ଅଭାବକୁ ପୂରଣ କରିଥାଏ । ଏଥି ସହିତ ପେଟର ବହୁ ସମସ୍ୟା ଦୂର କରେ ।

ପେଟରେ ସମସ୍ୟା ସହିତ ଏସିଡିଟିକୁ ମଧ୍ୟ ଦୂର କରେ ।

**ସୁନିଦ୍ରା ପ୍ରଦାନ କରେ:** ଯଦି ଅନିଦ୍ରା ସମସ୍ୟା ରହିଛି ତେବେ କଖାରୁ ଖାଇବା ଉପକାରୀ ।

ନିୟମିତ ଖାଇଲେ ସେରୋଟୋନିନକୁ ବଦଳାଇ ଗଭୀର ନିଦ ଆଣିବାରେ ଖୁବ୍ ସହାୟକ ହୋଇଥାଏ । ଏପରି କଖାରୁରେ ରହିଥିବା ଏମିନୋ ଏସିଡ୍ ଟ୍ରିପ୍ଟୋଫେନ୍ କାରଣରୁ ହୋଇଥାଏ ।

## ଅତ୍ୟଧିକ ନିଦ୍ରା ଓ ହୃଦ୍‌ରୋଗ

ସୁସ୍ଥ ତଥା ନୀରୋଗ ଶରୀର ପାଇଁ ନିଦ୍ରା ଅପରିହାର୍ଯ୍ୟ । ହେଲେ କେତେକ ଆଳସ୍ୟତା ହେଉ ଅବା ଆଉ କେତେକ କାରଣରୁ ଆବଶ୍ୟକତା ସମୟଠାରୁ ଅଧିକ ସମୟ ଶୋଉଥାଆନ୍ତି । ଏହାର ଖରାପ ପ୍ରଭାବ ହୃତପିଣ୍ଡ ଉପରେ ପଡିଥାଏ । ସେମାନେ ଆବଶ୍ୟକତାଠାରୁ ଅଧିକ ସମୟ ଶୋଉଥିବା କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେହି ବ୍ୟକ୍ତି ବିଶେଷଜ୍ଞଙ୍କ ମଧ୍ୟରୁ ପ୍ରାୟ ୩୦% ଙ୍କର ହୃଦଜନିତ ସମସ୍ୟା ଥିବାର ଜଣାପଡିଥିଲା ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଉଷୁମ ପାଣି

ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ । ଏହାର ସବୁଠାରୁ ଖାସ୍ ଗୁଣ ହେଲା, ଯଦି ଜଣେ ବ୍ୟକ୍ତି ନିୟମିତ ଉଷୁମ ପାଣି ପିଅନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ବୃଦ୍ଧି ଘଟିଥାଏ । ଜଣେ ଆଜମା ରୋଗୀ ପାଇଁ ଏହା ବେଶ୍ ଉପକାରୀ । ଏଭଳି ସମସ୍ୟା ଥିଲେ ପ୍ରତିଦିନ ସକାଳେ ଉଷୁମ ପାଣି ପିଅନ୍ତୁ । କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ । ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ତାହା



ଏଥିରୁ ଅନେକାଂଶରେ ଉପଶମ ଦେଇଥାଏ । ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି । କୋଲେଷ୍ଟ୍ରଲ ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟ୍ରଲର ପରିମାଣ ସନ୍ତୁଳିତ ରହିଥାଏ । ମେଦବହୁଳତାକୁ କେତେକାଂଶରେ ଦୂର କରିଥାଏ ଉଷୁମ ପାଣି ।

# ହୃଦୟକୁ ସୁସ୍ଥ ରଖେ ଡାଳିମ୍ବ

**ଡା**ଳିମ୍ବ ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ଫଳ । ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି ଭାଇରାଲ ଓ ଆଣ୍ଟି ବ୍ୟାକ୍ଟେରିଆଲ ଭଳି ଗୁଣ ରହିଛି । ଯେଉଁ କାରଣରୁ ଛୋଟ ପିଲାଙ୍କଠାରୁ ନେଇ ବୟସ୍କ ପର୍ଯ୍ୟନ୍ତ ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ଆୟୁର୍ବେଦରେ ଡାଳିମ୍ବକୁ ମହୌଷଧ ତୁଲ୍ୟ ବ୍ୟବହାର କରାଯାଏ । ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିଥିବା ହେତୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଆସନ୍ତୁ ଜାଣିବା ଡାଳିମ୍ବ ଖାଇବା ଦ୍ୱାରା କି କି ରୋଗରୁ ଉପଶମ ମିଳିଥାଏ ।



ପୋଷକ ତତ୍ତ୍ୱ ପରିମାଣ: ଫାଇଭର - ୬ଗ୍ରାମ, ପ୍ରୋଟିନ୍- ଅଢ଼େଇ ଗ୍ରାମ, ଭିଟାମିନ୍ ସି'- ୩୫ ପ୍ରତିଶତ, ଫୋଲେଟ ୧୬ ପ୍ରତିଶତ, ପୋଟାସିୟମ୍ -୧୧ ପ୍ରତିଶତ, ସୁଗର-୨୨ ଗ୍ରାମ ।

ପାଚନ କ୍ରିୟା ଠିକ କରେ: ଡାଳିମ୍ବରେ ଆଣ୍ଟି - ଇନ୍ଫ୍ଲାମେଟୋରୀ ଓ ଆଣ୍ଟିକ୍ୟାନସର ପ୍ରଭାବ ରହିଥାଏ, ଯାହାକି ଅନ୍ତ କୋଷକୁ ସୁସ୍ଥ ରଖେ । ଏହାର ମଞ୍ଜିରେ ଫାଇଭର ମାତ୍ରା ପ୍ରଚୁର ରହିଛି, ଏହାକୁ ଚୋବାଇ - ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିବା ସହିତ କୋଷ୍ଠକାଠିନ୍ୟ ଦୂର କରେ ।

ହାର୍ଟକୁ ସୁସ୍ଥ ରଖେ: ଡାଳିମ୍ବ ହୃଦୟକୁ ସୁସ୍ଥ ରଖିଥାଏ । ପ୍ରତିଦିନ ଡାଏଟରେ ଡାଳିମ୍ବ ସାମିଲ କରନ୍ତୁ । ଡାଳିମ୍ବ ଜୁସ୍ ଧମନୀକୁ ସୁସ୍ଥ ରଖେ । ଏଥିସହିତ ଚ୍ରେସ ଓ ଫୁଲାକୁ ଦୂର କରେ ଏବଂ ରକ୍ତଚାପ ବଢ଼ିବାକୁ ଦିଏ ନାହିଁ । ଏହା ହାର୍ଟ ଆଟାକ ଓ ଷ୍ଟ୍ରୋକ୍ ଭଳି ଭୟକୁ ରୋକିବାରେ ସହାୟକ ହୋଇଥାଏ ।

ହାଇ ବିପି ସମସ୍ୟା ଥିଲେ: ଯେଉଁ ବ୍ୟକ୍ତିଙ୍କ ହାଇ ବ୍ଲଡ ପ୍ରେସର ସମସ୍ୟା ରହିଛି ସେମାନଙ୍କ ଲାଗି ଡାଳିମ୍ବ ବରଦାନ ସଦୃଶ । ଏହା ବ୍ଲଡ ପ୍ରେସରକୁ କମ୍ କରିବାରେ ସହାୟକ ହୋଇଥାଏ ।

ଡାଇବେଟିସ୍ ରୋଗୀ ଖାଇ ପାରିବେ : ଡାଇବେଟିସ ସମସ୍ୟା ଥିଲେ ଡାଳିମ୍ବ ଖୁବ୍ ଫଳପ୍ରଦ । ଏଥିରେ ଥିବା ଆଣ୍ଟି ଡାଇବେଟିକ୍ ଗୁଣ ଯାହାକି ସୁଗାରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ରକ୍ତକୁ ସୋଧ କରିବାରେ ଡାଳିମ୍ବ ରସ ସହାୟକ ହୋଇଥାଏ । ଏଣୁ ଡାଳିମ୍ବ ଡାଇବେଟିସ୍ ରୋଗୀ ଖାଦ୍ୟରେ ସାମିଲ କରିପାରିବେ ।

ମେମୋରି ବୃଦ୍ଧି: ଯଦି ଆପଣ ଭୁଲିବା ରୋଗ ରହିଛି ତେବେ ସ୍ମୃତି ଶକ୍ତି ବୃଦ୍ଧି କରିବା ଲାଗି ଡାଳିମ୍ବ ନିଶ୍ଚୟ ଖାଆନ୍ତୁ । ଏହା ମେମୋରି ପାୱାରକୁ ବୃଦ୍ଧି କରିବା ସହିତ ଥିଙ୍କିଙ୍ଗ୍ ସ୍କିଲକୁ ଡେଭଲପ କରିଥାଏ ।

## ଆପଣ ଜାଣନ୍ତି କି ?

- ୧୪୮୯ : ୧୨ ଜୁଲାଇରେ ଦିଲ୍ଲୀଠାରେ ଲୋଦି ସାମ୍ରାଜ୍ୟର ପ୍ରତିଷ୍ଠାତା ଭୋଲେନ ଖାନ ଲୋଦିଙ୍କର ମୃତ୍ୟୁ ହୋଇଥିଲା ।
- ୧୯୫୫ ମସିହା ୧୫ ଜୁଲାଇରେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ରେ ସମ୍ମାନିତ କରିଥିଲେ ।
- ୧୮୫୬ ମସିହା ୧୬ ଜୁଲାଇରେ ହିନ୍ଦୁ ପୁନର୍ବିବାହ ପ୍ରଥାକୁ ଆଇନତଃ ସମ୍ମତି ମିଳିଥିଲା ।
- ୧୯୯୭ ମସିହା ୧୭ ଜୁଲାଇରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କରୁଣାନିଧି ରାଜ୍ୟ ସଚିବାଳୟରେ ମାଡ୍ରାସର ନୂଆ ନାମ ଚେନ୍ନାଇ ବୋଲି ଘୋଷଣା କରିଥିଲେ ।
- ୧୯୫୫ ମସିହା ୧୯ ଜୁଲାଇରେ ଭାରତର ଅଲରାଉଣ୍ଡର କ୍ରିକେଟିୟର ରୋଗର୍ ବିନ୍ନି ଜନ୍ମ ହୋଇଥିଲେ ।
- ୧୯୪୭ ମସିହା ଜୁଲାଇ ୨୧ ରେ ଭାରତୀୟ ଜାତୀୟ ପତାକା ସମ୍ବିଧାନ ସଭାରେ ଗୃହୀତ ହୋଇଥିଲା ।
- ୧୫୮୬ ମସିହା ୨୭ ଜୁଲାଇରେ ସାର୍ ୱାଲଟର ରାଲେ ପ୍ରଥମ ଥର ପାଇଁ ଭର୍ଜିନିଆରୁ ଇଂଲଣ୍ଡକୁ ଟବାକୋ ଆଣିଥିଲେ ।
- ୧୭୪୨ ମସିହା ୨୮ ଜୁଲାଇରେ ପ୍ରୁସିଆ ଓ ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ପାଇଁ ସନ୍ଧି ହୋଇଥିଲା ।
- ୧୯୭୩ ମସିହା ୩୦ ଜୁଲାଇରେ ବଲିଉଡର ପ୍ରସିଦ୍ଧ ଗାୟକ ସୋନୁ ନିଗମ ହରିଆଣାର ଫରିଦାବାଦ ଠାରେ ଜନ୍ମ ହୋଇଥିଲେ ।
- ୧୯୧୬ ଅଗଷ୍ଟ ୧ ରେ ଲଣ୍ଡନରେ ଜନ୍ମିତ ଆନିବେସାନ୍ତ ହୋମ ରୁଲ ଲିଗର ଶୁଭାରମ୍ଭ କରିଥିଲେ ।

## କହିପାରିବେ କି ?

(୧) କେଉଁ ଦେଶରେ ଅଧିକାଂଶ ସଂଖ୍ୟକ ରୋବଟ କାମ କରୁଛନ୍ତି ?

(୨) ସ୍ପେସ ଆପ୍ଲିକେସନ ସେଣ୍ଟର କେଉଁଠି ଅବସ୍ଥିତ ?

(୩) ଆରଡିଏକ୍ସର ଅନ୍ୟ ନାମ କ'ଣ ?

(୪) ଶରୀରରେ ହେମୋଗ୍ଲୋବିନ୍‌ର କାମ କ'ଣ ?

(୫) ଲୋହିତ ରକ୍ତ କଣିକା କେଉଁଠି ଉତ୍ପନ୍ନ ହୁଏ ?

(୬) ଫିଫା ୱାର୍ଲ୍ଡ କପ୍ ୨୦୧୪ ରେ ମସକାଟ୍ ଭାବେ କେଉଁ ପଶୁକୁ ନିଆଯାଇଥିଲା ?

(୭) ବ୍ରାଜିଲ ଆଜିଯାଏ ଫୁଟବଲ ୱାର୍ଲ୍ଡ କପ୍ ଟାଇଟଲ୍ କେତେ ଥର ଜିତିଛି ?

(୮) କେଉଁ ବର୍ଷରେ ପ୍ରଥମ ଥର ପାଇଁ ଫୁଟବଲ ୱାର୍ଲ୍ଡ କପ୍ ଆୟୋଜିତ ହୋଇଥିଲା ?

(୯) କେଉଁ ଦେଶ ପ୍ରଥମ ଥର ଫୁଟବଲ୍ ୱାର୍ଲ୍ଡ କପ୍ ଜିତିଥିଲା ?

(୧୦) ଫିଫାର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

### JUMBLE WORDS

| | | | |
|---|---|---|---|
| 1) CGOEK | = | 6) GPDOAA | = |
| 2) HRXOTA | = | 7) NPHOCO | = |
| 3) BUDTIO | = | 8) DUEEL | = |
| 4) TAHSS | = | 9) WYNOS | = |
| 5) CHNEE | = | 10) TIGRE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. କମଳା, ୨.ଭାସୋପ୍ରେସିନ,୩.ଲକ୍ଷ୍ନୌ, ୪.୩୦୦ ଗ୍ରାମ, ୫.ରୋବର୍ଟ ହୁକ୍, ୬.ଅଧକ୍ଷ, ୭.ପ୍ରେମଚାନ୍ଦ, ୮.ଗେରି ଓଲ୍ଡ ମ୍ୟାନ ଓ ଫ୍ରାନସେସ୍ ମାକଡ଼ରମାନ, ୯.ନନ୍ଦୁ ନାଟେକର,୧୦.ପାକିସ୍ଥାନ ଓ ଆଫଗାନିସ୍ଥାନ ।

***Jumble Words*** **ର ଉତ୍ତର :-**

(1) ODDITY (2) GIANT (3) CATCH (4) DECODE (5) SHRANK (6) FLAIL (7) NEEDY (8) POPLAR (9) MANNER (10) AGAIN

# ସମ୍ପୂର୍ଣ୍ଣ କଟିଯାଇଥିବା ହାତକୁ ଯୋଡ଼ିଲେ ଭୁବନେଶ୍ୱର ଏମ୍ସର ଡାକ୍ତର

ପୁରୀ: ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଜଣେ ୨୫ ବର୍ଷୀୟା ମହିଳାଙ୍କ ଗତ ଡିସେମ୍ବର ମାସରେ ନିଜ ଘରେ କାମ କରୁଥିବା ସମୟରେ ମେସିନ୍‌ରେ ତାଙ୍କ ହାତ କଟି ଯାଇଥିଲା । ତାଙ୍କର ବାମ ହାତ କହୁଣୀ ତଳୁ ସମ୍ପୂର୍ଣ୍ଣ କଟି ଅଲଗା ହୋଇ ଯାଇଥିଲା । ସମ୍ପୃକ୍ତ ମହିଳା ଜଣଙ୍କ ଧାନ କଟା ମେସିନରେ କାମ କରୁଥିବା ସମୟରେ ସେଥିରେ ତାଙ୍କର ଓଢ଼ଣି ଲାଗିଯାଇଥିଲା, ଫଳରେ ସେ ଟାଣି ହୋଇଯିବାରୁ ତାଙ୍କର ବାମ ପଟ ହାତ ମେସିନରେ ବାଜି କଟି ଯାଇଥିଲା । ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ବ୍ରହ୍ମପୁର ମେଡ଼ିକାଲ କଲେଜକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ଦିଆଯିବା ସହିତ ମହିଳାଙ୍କର ହାତର କଟା ଅଂଶକୁ ଭଲ ଭାବେ ସଂରକ୍ଷିତ ରଖାଯାଇଥିଲା । ଏହାପରେ ତାଙ୍କୁ ସେହିଦିନ ରାତିରେ ଭୁବନେଶ୍ୱର ଏମ୍ସକୁ ଅଧିକ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଥିଲା । ଅଲଗା ହୋଇ ଯାଇଥିବା ହାତକୁ ଗମଜି ପ୍ୟାଡରେ ଗୁଡ଼ାଇ ବରଫ ଭିତରେ ରଖି ଦିଆଯାଇଥିଲା । ସେଠାରେ ମହିଳାଙ୍କ ବାମ ବାହୁ ସହିତ କଟା ହାତକୁ ଯୋଡ଼ିବା ଲାଗି ତାଙ୍କୁ ତୁରନ୍ତ ଅସ୍ତ୍ରୋପଚାର କକ୍ଷକୁ ନିଆଯାଇଥିଲା । ଡାକ୍ତର ଏସ.କେ ଗିରି, ଡାକ୍ତର ଶାନ୍ତନୁ, ଡାକ୍ତର ଆକାଂକ୍ଷା, ଡାକ୍ତର ପ୍ରିୟଙ୍କା, ଡାକ୍ତର ବିଷ୍ଣୁ ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦଳ ଡାକ୍ତର ନିଗ୍‌ଲ ଏବଂ ଡାକ୍ତର ସଞ୍ଜୟଙ୍କ ସହିତ ନିଶ୍ଚେତକ ଦଳ ଡାକ୍ତର ଜୟନ୍ତ ମିତ୍ର ଓ ଡାକ୍ତର ଋଷିକେଶ, ଡାକ୍ତର ଶୈଳଜା ପ୍ରମୁଖ ଅସ୍ତ୍ରୋପଚାର ଦଳରେ ସାମିଲ ହୋଇଥିଲେ । ସେମାନଙ୍କୁ ନର୍ସିଂ ଅଧିକାରୀ ବାବୁଲାଲ ଓ ଯଶୱନ୍ତ ସିଂ ସହାୟତା ଯୋଗାଇ ଦେଇଥିଲେ । ଦୁଇଟି ଦଳ ଦୃଷ୍ଟିକୋଣ ସହିତ, ନିକଟସ୍ଥ ଷ୍ଟମ୍ପର ବିଚ୍ଛେଦନ ଏବଂ କଟି ଯାଇଥିବା ଭାଗର ବେଞ୍ଚ ବିଚ୍ଛେଦ କରାଯାଇଥିଲା । କଟି ଅଲଗା ହୋଇଯାଇଥିବା ଭାଗରେ ଢାଞ୍ଚା ଚିହ୍ନଟ କରାଯାଇଥିଲା - ସବୁ ଆଙ୍ଗୁଠିର ବ୍ରାଚିୟୋରେଡିୟାଲିସ, ଏଫଡିଏସ୍ ବାହୁର ଏଫଡିପି, ଏଫସିୟୁ, ଏଫସିଆର, ମେଡ଼ିୟାନ ସ୍ନାୟୁ, ଅଲନାର ସ୍ନାୟୁ, ଲାଟେରାଲ କୁଟାନିୟସ ସ୍ନାୟୁ, ଅଲନାର ଆର୍ଟେରୀ, ରେଡିଆଲ ଆର୍ଟେରୀ, ଉଭୟ ପଟ ଅସ୍ଥିକୁ ୫ ସେମି ପର୍ଯ୍ୟନ୍ତ ଛୋଟ କରିବା - ନିକଟସ୍ଥ ଭାଗରେ ଚିହ୍ନଟ କରାଯାଇଥିବା ଢାଞ୍ଚା - ରେଡିୟସ ଏବଂ ଉଲନାର ନିକଟସ୍ଥ ଭାଗ, ବାଇସେପ୍ସ ଟେଣ୍ଡନ, ମେଡିୟନ ସ୍ନାୟୁ, ଅଲନାର ସ୍ନାୟୁ, ରେଡିୟଲ ସ୍ନାୟୁ, ଅଲନାର ଆର୍ଟେରୀ ଏବଂ ରେଡିୟଲ ଆର୍ଟେରୀ । ଅସ୍ଥିଶଲ୍ୟ ଡାକ୍ତରଙ୍କ ସହାୟତାରେ ଅଲନା (୨.୫ ମିମି) ପାଇଁ ସ୍କୋୟାର ନେଲ୍ ସଂଯୋଗ ଏବଂ ରେଡିଅସ୍ (୨.୫ ସେମି) ପାଇଁ କେ-ୱେର୍ ସଂଯୋଗ କରାଯାଇଥିଲା । ସଂଯୋଗ ସମୟରେ ଇସ୍କିମିୟା ଅବଧି ୮-୯ ଘଣ୍ଟା ଥିଲା । କଟା ହାତ ସଂଯୋଗ ହେବା ପରେ, ଭାସ୍କୁଲାର ଆନାଷ୍ଟୋମୋସିସ୍ କରାଯାଇଥିଲା । ଏଥିଲନ ୮-୦ ବ୍ୟବହାର କରାଯାଇ ରେଡିଆଲ ଆର୍ଟେରୀ, ଅଲନାର୍ ଆର୍ଟେରୀ ଏବଂ ୪ଟି ସ୍ନାୟୁ (ଗୋଟିଏ କଡ଼ରୁ ଆଉ ଗୋଟିଏ କଡ଼) ସମ୍ପାଦନ କରାଯାଇଥିଲା । ପ୍ରୋଲିନ ୩-୦କୁ ଉପଯୋଗ କରି ମାଂସପେଶୀର ଫ୍ଲେକ୍ସର ଏବଂ ଏକ୍ସଟେନ୍ସର ସମୂହକୁ ସିଲେଇ କରାଯାଇଥିଲା । ସବୁ ଆଙ୍ଗୁଠି ଚଳପ୍ରଚଳ କରୁଥିବା ପ୍ରମାଣ କରାଯାଇଥିଲା ଏବଂ ଏହା ସଫଳ ହୋଇଥିଲା । ସବୁ ଆଙ୍ଗୁଠି ଟିପରେ ଉଜ୍ଜ୍ୱଳ ରକ୍ତ ପ୍ରବାହ ଦେଖିବାକୁ ମିଳିଥିଲା । ଡୋଲସାର୍ ଓ ଭୋଲାର ଆସ୍‌ପେକ୍ଟ, ହାତର ଡୋର୍ସମ (୨ଟି ସିଲେଇ) ଏବଂ ପ୍ରଥମ ୱେବସରେ ପୁନଃସଂଯୋଗ କରାଯାଇଥିବା ହାତ ଉପରେ ଫେସିଟୋମୀ ସିଲେଇ ଦିଆଯାଇଥିଲା । ଏହାପରେ ମହିଳାଙ୍କୁ ଏସଆଇସିୟୁରେ ରଖାଯାଇଥିଲା ଏବଂ ୧୯ ଡିସେମ୍ବର ୨୦୨୨ରେ ଡାହାଣ ଜଙ୍ଘରୁ ଡିବ୍ରାଇଡମେଣ୍ଟ ଏବଂ ଏସଟିଏସଜି ପାଇଁ ତାଙ୍କୁ ନିଆଗଲା । କହୁଣୀ-ଏସଟିଏସଟି ପାଖରେ ଥିବା କଞ୍ଚା କ୍ଷେତ୍ରକୁ ପୁନଃସକ୍ରିୟ କରିବା ଲାଗି ଡିବ୍ରିଡମେଣ୍ଟ ଏବଡୋମିନା ଫ୍ଲାପ୍ କଭର ପ୍ରକ୍ରିୟା ଦେଇ ତାଙ୍କୁ ଅତିକ୍ରମ କରିବାକୁ ପଡ଼ିଥିଲା । ବାମ ଉପର ହାତ ଉପରେ ଫ୍ଲାପ୍ ଇନସେଟ୍ କରାଯାଇଥିଲା । ଅସ୍ତ୍ରୋପଚାର ପରବର୍ତ୍ତୀ ପ୍ରକ୍ରିୟା ସ୍ୱାଭାବିକ ଥିଲା । ସ୍ଥିର ଅବସ୍ଥାରେ ସମ୍ପୃକ୍ତ ମହିଳା ଜଣଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିଲା ।

# ଭାରତରେ ବିଶ୍ୱର ଦ୍ୱିତୀୟ ବୃହତ୍ ସଡ଼କ ନେଟ୍‌ୱାର୍କ

ନୂଆଦିଲ୍ଲୀ: ଗତ ୯ ବର୍ଷରେ ଭାରତର ସଡ଼କ ନେଟୱାର୍କ ୫୯% ବୃଦ୍ଧି ପାଇଛି । ଆମେରିକା ପରେ ଭାରତରେ ବିଶ୍ୱର ଦ୍ୱିତୀୟ ବୃହତ୍ ସଡ଼କ ନେଟ୍‌ୱର୍କ ରହିଥିବା କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ ପ୍ରକାଶ କରିଛନ୍ତି ।

୨୦୧୩-୧୪ରେ ଭାରତରେ ୯୧,୨୮୭ କିଲୋମିଟର ସଡ଼କ ନେଟୱାର୍କ ଥିଲା । ଏହା ବର୍ତ୍ତମାନ ୧,୪୫,୨୪୦ କି.ମିକୁ ବୃଦ୍ଧି ପାଇଥିବା ଗଡ଼କରୀ ପ୍ରକାଶ କରିଛନ୍ତି । ପୂର୍ବରୁ ଚୀନ୍ ସଡ଼କ ନେଟ୍‌ୱର୍କ ବିଶ୍ୱର ଦ୍ୱିତୀୟ ବୃହତ୍ ଥିଲା । ଏବେ ଉକ୍ତ ସ୍ଥାନ ଭାରତ ଅକ୍ତିଆର କରିଥିବା ମନ୍ତ୍ରୀ ଶ୍ରୀ ଗଡକରୀ ପ୍ରକାଶ କରିଛନ୍ତି ।

ଗତ ୯ ବର୍ଷରେ ଭାରତ ସଡ଼କ ନିର୍ମାଣ କ୍ଷେତ୍ରରେ ୭ଟି ବିଶ୍ୱ ରେକର୍ଡ କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ୨୦୧୩-୧୪ରେ ଟୋଲ ଆଦାୟରୁ ସରକାରଙ୍କ ଆୟ ଥିଲା ୪,୭୭୦ କୋଟି ଟଙ୍କା । ଏହା ଏବେ ୪,୧୩୪୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୩୦ ସୁଦ୍ଧା ଟୋଲ ରାଜସ୍ୱକୁ ୧,୩୦,୦୦୦ କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ସରକାର ଲକ୍ଷ୍ୟ ରଖିଥିବା ଗଡକରୀ କହିଛନ୍ତି ।

ଫାଷ୍ଟଟ୍ୟାଗ ବ୍ୟବହାର ଟୋଲ



ପ୍ଲାଜାଗୁଡ଼ିକରେ ପ୍ରତୀକ୍ଷା ସମୟକୁ ହ୍ରାସ କରିଛି । ସମ୍ପ୍ରତି ଟୋଲ୍ ପ୍ଲାଜାଗୁଡ଼ିକରେ ମାତ୍ର ୪୭ ସେକେଣ୍ଡ ଅପେକ୍ଷା କରିବାକୁ ପଡୁଛି । ଫାଷ୍ଟଟ୍ୟାଗ ଯୋଗୁଁ ଟୋଲ୍ ପ୍ଲାଜାଗୁଡ଼ିକରେ ଆଉ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ଦେଖିବାକୁ ମିଳୁ ନାହିଁ । ପ୍ରତିକ୍ଷା ସମୟକୁ ୩୦ ସେକେଣ୍ଡକୁ ଖସାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ଗଡ଼କରୀ କହିଛନ୍ତି । ଚଳିତ ବର୍ଷ ପ୍ରଥମ ୬ ମାସରେ ଅର୍ଥାତ୍ ଜୁନ୍ ୧୯ ସୁଦ୍ଧା ସରକାର ଫାଷ୍ଟଟ୍ୟାଗରୁ ୨୮,୧୮୦ କୋଟି ଟଙ୍କା ଆୟ କରିଛନ୍ତି । ୨୦୨୧ରୁ ୨୦୨୨ ମଧ୍ୟରେ ଫାଷ୍ଟଟ୍ୟାଗ୍‌ରୁ ହୋଇଥିବା ଆୟରେ ୪.୬% ବୃଦ୍ଧି ଘଟିଛି । ଏହା ୩୪,୭୭୮ କୋଟି ଟଙ୍କାରୁ ବଢ଼ି ୫୦,୮୫୫ କୋଟି ଟଙ୍କା ରେ ପହଞ୍ଚିଛି । ତେବେ ଗତ ୫ ବର୍ଷ । ଅର୍ଥାତ୍ ୨୦୧୭ରୁ ୨୦୨୨ ମଧ୍ୟରେ ଫାଷ୍ଟଟ୍ୟାଗ୍ ଆୟ ଦୁଇଗୁଣାରୁ ଅଧିକ ବଢ଼ିଛି । ଏହା ୨୨,୮୨୦ କୋଟି ଟଙ୍କାରୁ ବଢ଼ି ୫୦,୮୫୫ କୋଟି ଟଙ୍କା ଛୁଇଁଛି । ୨୦୨୧ରେ ଫାଷ୍ଟଟ୍ୟାଗ ବାଧ୍ୟତାମୂଳକ ହୋଇଥିଲା । ଫଳରେ ରାଜସ୍ୱ ଆୟରେ ଏହି ଅଭିବୃଦ୍ଧି ଘଟିଛି ।

ନ୍ୟାସ୍‌ନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଅନୁସାରେ, ୨୦୨୩ ମେ’ ସୁଦ୍ଧା ଦେଶରେ ମୋଟ୍ ୭.୦୬ କୋଟି ଗାଡ଼ିରେ ଫାଷ୍ଟଟ୍ୟାଗ ଥିଲା । ୨୦୧୯ ପରେ ଫାଷ୍ଟଟ୍ୟାଗରେ ବୃଦ୍ଧି ଦେଖିବାକୁ ମିଳିଛି । ୨୦୧୯ରେ ମାତ୍ର ୧.୭୦ କୋଟି ଗାଡିରେ ଏହା ରହିଥିଲା । ଅର୍ଥାତ୍ ଏଥିରେ ୩୦୦%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି ଦେଖାଦେଇଛି । ଫାଷ୍ଟଟ୍ୟାଗ ଏକ ଇଲେକ୍ଟ୍ରୋନିକ୍ସ ଟୋଲ୍ ଆଦାୟ ସିଷ୍ଟମ । ରେଡିଓ-ଫ୍ରିକେଆଇଡେଣ୍ଟିଫିକେଶନ (ଆର୍‌ଏଫ୍‌ଆଇଡି) ଟେକ୍ନୋଲୋଜିରେ ଏହା କାର୍ଯ୍ୟ କରିଥାଏ । ଏ ବ୍ୟବସ୍ଥା ଆସିବା ପୂର୍ବରୁ ଟେଲ ପ୍ଲାଜାଗୁଡ଼ିକରେ ଗାଡ଼ି ଗୁଡ଼ିକର ଲମ୍ବା ଧାଡ଼ି ଦେଖିବାକୁ ମିଳୁଥିଲା । ଲମ୍ବା ସମୟ ଧରି ଗାଡ଼ିଗୁଡ଼ିକ ଅଟକି ରହୁଥିଲେ ବୋଲି ଶ୍ରୀ ଗଡ଼କାରି କହିଛନ୍ତି ।

## ନିଖିଳ କୁମାର ମେହେରଙ୍କ କୃତିତ୍ୱ

ସୋନପୁର : ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସୋନପୁରର ଛାତ୍ର ଶ୍ରୀ ନିଖିଳ କୁମାର ମେହେର ବିଜ୍ଞାନ (+୨)ରେ ରାଜ୍ୟ ସ୍ତରରେ ଷଷ୍ଠ ସ୍ଥାନ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ସମ୍ମାନ ଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପୁରସ୍କାର ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ପ୍ରଦାନ କରାଯାଇଥିଲା । ପ୍ରକାଶଥାଉକି ପଟାଭାଡ଼ି ସ୍ଥିତ ପିତା ଶ୍ରୀ କୈଳାସ ଚନ୍ଦ୍ର ମେହେର ଓ ମାତା ହରିପ୍ରିୟା ମେହେରଙ୍କ ଏକ ମାତ୍ର ସୁପୁତ୍ର ବୁଣାକାର ପରିବାରର ଅଟନ୍ତି ।

## ମୋଦିଙ୍କୁ ଇଜିପ୍ଟର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ

କାଇରୋ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଜିପ୍ଟ ଗସ୍ତରେ ଯାଇଥିବା ବେଳେ ତାଙ୍କୁ ଇଜିପ୍ଟର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ ‘ଅର୍ଡର ଅଫ ଦି ନାଇଲ୍’ରେ ସମ୍ମାନିତ କରାଯାଇଥିଲା । ଇଜିପ୍ଟ ରାଷ୍ଟ୍ରପତି ଆବଦେଲ ଫତାହ ଏଲ-ସିସି ମୋଦିଙ୍କୁ ଇଜିପ୍ଟର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନରେ ସମ୍ମାନିତ କରିଛନ୍ତି । ଏହାକୁ ଲଗାଇ ବିଶ୍ୱର ୧୩ଟି ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନରେ ମୋଦି ସମ୍ମାନିତ ହୋଇଛନ୍ତି ।

# ଝାରସୁଗୁଡ଼ା ହାର୍ଟ ହସ୍ପିଟାଲ କେବେ କାର୍ଯ୍ୟକ୍ଷମ ହେବ ?

ଝାରସୁଗୁଡ଼ା : ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ପ୍ରଥମ ସରକାରୀ ସୁପର ସ୍ପେସାଲିଟି ହାର୍ଟ ହସ୍ପିଟାଲ ହେବ । କଳାହାଣ୍ଡିରୁ ନେଇ ସୁନ୍ଦରଗଡ଼ ଯାଏ ଜିଲ୍ଲାର ହୃଦ୍‌ରୋଗୀଙ୍କ ଚିକିତ୍ସାରେ କୌଣସି ସମସ୍ୟା ହେବନାହିଁ । ଏଠାରେ ବିମାନ ବନ୍ଦର ଥିବାରୁ ଗୁରୁତର ରୋଗୀଙ୍କୁ ଆବଶ୍ୟକ ପଡ଼ିଲେ ଏୟାର ଲିଫ୍ଟ ବି କରାଯାଇ ପାରିବ । ଏଭଳି କିଛି ଲକ୍ଷ୍ୟ ରଖି ରାଜ୍ୟ ସରକାର ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ ନିର୍ମାଣ କରିଥିଲେ । ମାତ୍ର ହସ୍ପିଟାଲ ନିର୍ମାଣ ଶେଷ ହେବାକୁ ଇତି ମଧ୍ୟରେ ୧୫ ମାସ ବିତିଲାଣି । କିନ୍ତୁ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ।

ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ୫, ୦୫ ଏକର ପରିମିତ ଅଞ୍ଚଳରେ ୭୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ଏହି ୧୦୦ ଶଯ୍ୟା ବିଶିଷ୍ଟ ‘କାର୍ଡିଆକ୍ କେୟାର’ ହସ୍ପିଟାଲ । ଯେଉଁଠି ହୃଦ୍‌ରୋଗ ସମ୍ପର୍କିତ ସବୁ ପ୍ରକାର ଚିକିତ୍ସା କରାଯିବା ସହ ଅତି ଉନ୍ନତମାନର ୨ଟି ଅସ୍ତ୍ରୋପଚାର କକ୍ଷ ବି ପ୍ରସ୍ତୁତ ହୋଇଛି । ମାର୍ଚ୍ଚ ୨୦୨୨ରୁ ଏହି ହସ୍ପିଟାଲର ନିର୍ମାଣ କାମ ପ୍ରାୟ ଶେଷ ହୋଇଯାଇଛି । ୨ଟି ପର୍ଯ୍ୟାୟରେ ହସ୍ପିଟାଲ ପାଇଁ ୭୨ଟି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ବି ପହଞ୍ଚିଥିଲା । ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ରୋଗୀଙ୍କ ପାଇଁ ରେଡିଏସନ୍ ଅନ୍‌କୋଲୋଜି, ଲିନିଅର ଏସେଲେରେଟର, ବ୍ରାଙ୍କି ଥେରାପି, ନ୍ୟୁକ୍ଲିଆର ମେଡିସିନ୍, ପିଇଟି ସିଟି, ଏମ୍‌ଆର୍‌ଆଇ, ସିଟି ସ୍କାନ୍, ମାମୋଗ୍ରାଫି, ଏକ୍ସରେ’ ଆଦିର ସୁବିଧା ମିଳି ପାରିବ । ପିପିପି ମୋଡ଼ରେ ହେବାକୁ ଥିବା ଏହି ହସ୍ପିଟାଲ ପାଇଁ ପ୍ରଥମେ କେୟାର ୨୦୧୬ ଡିସେମ୍ବର ୨୫ ତାରିଖରେ ରାଜ୍ୟ ସରକାରଙ୍କ ସହ ୧୫ ବର୍ଷ ପାଇଁ ଚୁକ୍ତି କରିଥିଲା । ମାତ୍ର ହସ୍ପିଟାଲ ପ୍ରସ୍ତୁତ ହେବା ବେଳକୁ କେୟାର ଚୁକ୍ତିରୁ ଓହରି ଯିବାପରେ ଏବେ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କୁ ଆଉ ସଂସ୍ଥା ମିଳୁ ନ ଥିବା ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କହାଯାଇଛି । ଇତିମଧ୍ୟରେ କୋଲକାତା ଓ ନୂଆଦିଲ୍ଲୀରୁ ବି ୨ଟି ସଂସ୍ଥା ଆସି ହାର୍ଟ ହସ୍ପିଟାଲ ପରିଦର୍ଶନ କରି ଯାଇଛନ୍ତି । ମାତ୍ର ସେମାନଙ୍କ ଠାରୁ ମଧ କୌଣସି ଉତ୍ତର ମିଳିନାହିଁ । ଇତିମଧ୍ୟରେ ହସ୍ପିଟାଲ ପାଇଁ ଆସିଥିବା ୨୯ଟି ମେସିନ୍ ଓଡ଼ିଶା ରାଜ୍ୟ ଔଷଧ ନିଗମ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରି ନେଇ ସାରିଛି । ସେପଟେ ହସ୍ପିଟାଲ ପାଇଁ ଆସିଥିବା ଅବଶିଷ୍ଟ ମେସିନ୍ ପଡ଼ି ରହିଥିବା ବେଳେ ଖୁବ୍ ଶୀଘ୍ର ତାକୁ ବି ସରକାର ଅନ୍ୟତ ନେଇଯିବାକୁ କରୁଥିବା ସନ୍ଦେହ ହେଉଛି । ନିର୍ମାଣ ଶେଷ ହେବାର ୧୫ ମାସ ପରେ ବି କାର୍ଯ୍ୟକ୍ଷମ ନ ହେବାରୁ ହସ୍ପିଟାଲରେ ଖଞ୍ଜାଯାଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଅଚଳ ହେବାକୁ ବସିଲାଣି । କେବଳ ସେତିକି ନୁହେଁ, କେଉଁ କୋଠରିର କବାଟ ଖୋଲୁନି ତ ଆଉ କେଉଁଠି କାନ୍ଥ ଫାଟିବାକୁ ବସିଲାଣି । ଏଭଳି ସ୍ଥିତିରେ ଝାରସୁଗୁଡ଼ାର ଏହି କାର୍ଡିଆକ କେୟାର ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ନା ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ଆଇ.ଆଇ.ଏମ୍‌ର ଷଷ୍ଠ ଓ ସପ୍ତମ ସମାବର୍ତ୍ତନ ଉତ୍ସବ





ସମ୍ବଲପୁର : ସମ୍ବଲପୁର ଆଇଆଇଏମ୍‌ର ଷଷ୍ଠ ଓ ସପ୍ତମ ସମାବର୍ତ୍ତନ ଉତ୍ସବ ବସନ୍ତପୁର ସ୍ଥିତ ନିଜସ୍ୱ କୋଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ଶ୍ରୀମତୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟଅତିଥି ଏବଂ ଜେପି ମୋରଗାନ ଚେଜ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସୁକନ୍ୟା ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ ।



## ଡୋଲାମଣି ଚିରଗୁନ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ

ବଲାଙ୍ଗୀର : ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ୬୯ତମ ଓଡ଼ିଶା ରାଜ୍ୟ ସ୍ତରୀୟ



ଏଥ୍‌ଲେଟିକ୍ସ ମିଟ୍ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ବ୍ଲକର କୁତମୁଣ୍ଡା ଗ୍ରାମର ଡୋଲାମଣି ଚିରଗୁନ୍ (୧୮) ୨୦୦୦ ମିଟର୍ ଦୌଡ଼ ପ୍ରତିଯୋଗିତାରେ ଭାଗନେଇ ୬.୧୮ ସେକେଣ୍ଡ ସମୟ ମଧ୍ୟରେ ଦୌଡ଼ି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଆଗାମୀ ଅକ୍ଟୋବର ମାସରେ ହେବାକୁ ଥିବା ଜାତୀୟ ସ୍ତରରେ ପ୍ରତିଯୋଗିତା ଖେଳିବା ପାଇଁ ସେ ମନୋନୀତ ହୋଇଛନ୍ତି । ଶ୍ରୀ ଡୋଲାମଣି ହେଉଛନ୍ତି ଘନ ଚିରଗୁନଙ୍କ ପୁତ୍ର ।


# ଜିଏମ୍‌ୟୁକୁ ୧୦ ଲକ୍ଷ ଦେଲେ ପ୍ରଫେସର ଶଙ୍କର ପତି



ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆଲୁମନି ପ୍ରଫେସର୍ ଶଙ୍କର ପ୍ରସାଦ ପତି ମୋ କଲେଜ ଅଭିଯାନ ଅଧୀନରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଫେସର ପତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଏନ୍ ନାଗରାଜୁଙ୍କୁ ପ୍ରଦାନ କରିଛନ୍ତି । ଏହି ଅର୍ଥରେ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାର ଠାରେ ଇ-ରିସୋର୍ସ ସେଣ୍ଟର ତିଆରି କରାଯିବ । ପ୍ରଫେସର୍ ପତି ୧୯୬୨ ମସିହାର ଗଙ୍ଗାଧର ମେହେର କଲେଜର ଛାତ୍ର ହୋଇଥିବା ବେଳେ ପଦାର୍ଥବିଜ୍ଞାନର ଅଧ୍ୟାପକ ମଧ ଥିଲେ । ଜିଏମ୍ କଲେଜ୍ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍‌ର ସଭ୍ୟ ମଧ ସେ ରହିଥିଲେ । ବର୍ତ୍ତମାନ ପ୍ରଫେସର ପତି ଜିଏମ୍ ସିଣ୍ଡିକେଟ୍‌ର ସଦସ୍ୟ ଅଛନ୍ତି । ଏହି ଅବସରରେ ଆୟୋଜିତ ସଂକ୍ଷିପ୍ତ କାର୍ଯ୍ୟକ୍ରମକୁ ଉପ କୁଳସଚିବ ଡକ୍ଟର ଉମାଚରଣ ପତିଙ୍କ ସଂଯୋଜନା କରିଥିଲେ । କୁଳସଚିବ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଦେଇଥିଲେ । ଡକ୍ଟର ନମିତା ଷଡଙ୍ଗୀ, ଡକ୍ଟର ମଧୁମିତା ପଣ୍ଡା, ଡକ୍ଟର ଅଲେଖ ସୂତାର, କନକଲତା ଏକ୍କା, ଆଦିତ୍ୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନଗର ରାଜଭାଷା ନିୟୋଜନ କମିଟି ବୈଠକ

ବୁର୍ଲା : ମହାନଦୀ କୋଇଲା କମ୍ପାନୀ ନଗର ରାଜଭାଷା ନିୟୋଜନ କମିଟି ବୈଠକ ଜାଗୃତି ବିହାରସ୍ଥିତ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳାନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ରାଜଭାଷା ସାଧାରଣ ପରିଚାଳକ ଶ୍ରୀକୃଷ୍ଣ ମୁରାରୀ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ । ବୈଠକରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସର୍କଲ ମୁଖ୍ୟ ଅଜିତ କୁମାର ମେହେର, କାନାଡା ବ୍ୟାଙ୍କର ସହକାରୀ ଜେନେରାଲ ମ୍ୟାନେଜର ସୁସମିତା ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସସ୍ମିତା ମିଶ୍ର, ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ସୁନୀଲ ଢାପ ଯୋଗ ଦେଇଥିଲେ । ରାଜଭାଷା ସହକାରୀ ନିର୍ଦ୍ଦେଶକ ଦେବ ପ୍ରକାଶ, କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ କୁମାର ଷଡଙ୍ଗୀ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ବିଷୟରେ ମତ ଉପସ୍ଥାପନ କରିଇଥିଲେ । ଏହି ଅବସରରେ ସମ୍ବଲପୁରର ଇନସ ହାଉସ୍ ମାଗାଜିନ 'ସମ୍ବଲ ପ୍ରଭା'ର ଏକାଦଶ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ରାଜଭାଷା ଶୀର୍ଷକ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।







# ଆରଡିସିଙ୍କ ବୌଦ୍ଧରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ପରିଦର୍ଶନ



ବୌଦ୍ଧ : ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ସେଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଡକ୍ଟର ଦଳେଇ ମହାନଦୀ କୋଳରେ ଏନ.ଏ.ସି ପକ୍ଷରୁ ନିର୍ମାଣାଧୀନ 'ପଶ୍ଚିମାଭବନ' ପରିଦର୍ଶନ କରିବା ସାଙ୍ଗକୁ ଗାଇଗୋଠ ପଡିଆରେ ନିର୍ମିତ ବିଜୁ ଆଦର୍ଶ କଲୋନିର ଥଇଥାନ ବ୍ୟବସ୍ଥା ଅନୁଧାନ କରିବା ସହ ଗୋଷ୍ଠୀ କେନ୍ଦ୍ରରେ ଏସ୍.ଜି. ମହିଳାଙ୍କ ସହିତ ଆଲୋଚନା କରିଥିଲେ । ଚନ୍ଦ୍ରଚୁଡ଼ ମନ୍ଦିର ନିକଟ ମହାନଦୀର ଚିରଘାଟରେ ନିର୍ମାଣାଧୀନ 'ମହାନଦୀ ଆଳତି ପ୍ରକଳ୍ପ' ବୁଲି ଦେଖିଥିଲେ । ସେହିପରି ଡକ୍ଟର ଦଳେଇ କୋଭିଡ୍ କେୟାର ସେଣ୍ଟରରେ ନିର୍ମାଣାଧୀନ କିଡନି ରୋଗ ଚିକିତ୍ସାକେନ୍ଦ୍ର ଓ ମାନସିକ ରୋଗୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ । ଏହାଛଡ଼ା ଅନେକ ନିର୍ମାଣ ପ୍ରକଳ୍ପ ସେ ବୁଲି ଦେଖିବା ସାଙ୍ଗକୁ ସେଗୁଡିକ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ଓ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ପ୍ରମୁଖ ଉପସ୍ଥିତ ଥିଲେ ।



# ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଶ୍ରାଦ୍ଧବାର୍ଷିକୀ



ବରପାଲି : ପଦ୍ମଶ୍ରୀ ଶିଳ୍ପଗୁରୁ କୁଞ୍ଜ ବିହାରୀ ମେହେରଙ୍କ ପଞ୍ଚଦଶତମ ଶ୍ରାଦ୍ଧ ବାର୍ଷିକୀ, କଳଭାରତୀ ଟ୍ରଷ୍ଟ ସଂଗ୍ରାହଳୟ ତରଫରୁ ସ୍ଥାନୀୟ ଗଙ୍ଗାଧର ସ୍ମୃତି ଭବନଠାରେ ପାଳିତ ହୋଇଛି । ଅନୁଷ୍ଠାନର ସଭାପତି ଡକ୍ଟର ରବୀନ୍ଦ୍ର କୁମାର ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ତହସିଲଦାର ରୁକ୍ମଣ କୁମାର ମେହେର ବିଶିଷ୍ଟ ଅତିଥି ଏବଂ ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଦିନେଶ କୁମାର ଗହୀର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡ଼ା ହ୍ୟାଣ୍ଡଲୁମ କ୍ଲଷ୍ଟର ଡେଭେଲପମେଣ୍ଟ ଅଫିସର ବିଷ୍ଣୁ ପ୍ରସାଦ ପଣ୍ଡା, ଟ୍ରଷ୍ଟର ମେନେଜିଙ୍ଗ ଟ୍ରଷ୍ଟି ବିଶିଷ୍ଟ ବାନ୍ଧ ଶିଳ୍ପୀ ଡକ୍ଟର ସୁରେନ୍ଦ୍ର ମେହେର ମଧ ଏଥିରେ ଯୋଗ ଦେଇଥିଲେ । ଅନୁଷ୍ଠାନର ଟ୍ରଷ୍ଟି ଶ୍ରୀ ମହେନ୍ଦ୍ର କୁମାର ମେହେର ସଭା ପରିଚାଳନା କରିଥିଲେ । ଏ ଅବସରରେ ସ୍ୱର୍ଗତ ମେହେରଙ୍କ ସ୍ମୃତି ରକ୍ଷା ପାଇଁ ବରପାଲି ଠାରେ ପୂର୍ବରୁ ଶିଳ୍ପୀଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶାର ଏକମାତ୍ର ବାନ୍ଧ କଳାର ସଂଗ୍ରହାଳୟର କଳା ଭାରତୀର ପୁନଃ ପ୍ରତିଷ୍ଠା ସଙ୍ଗେ ବାନ୍ଧ କଳା ଗବେଷଣା କେନ୍ଦ୍ର ଓ ଶିଳ୍ପୀଙ୍କ ଏକ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଠାରେ ଆବେଦନ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏ ଅବସରରେ ଶିଳ୍ପୀଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ 'ଆମେରିକା ଡ଼ାଇରୀ ଓ ହଙ୍ଗକଙ୍ଗ ଅନୁଭୂତି ' ଏବଂ ତାଙ୍କ ସୁପୁତ୍ର ବିଶିଷ୍ଟ ବାନ୍ଧ ଶିଳ୍ପୀ ଡ. ସୁରେନ୍ଦ୍ର ମେହେରଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଲଣ୍ଡନ ଓ ଜେରୁଜେଲେମ ଅନୁଭୂତି' ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଶେଷରେ ଟ୍ରଷ୍ଟି ବିଶିଷ୍ଟ ସଙ୍ଗୀତଜ୍ଞ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra